## ସଂକ୍ଷେପରେ

### ଦୁର୍ନୀତି ବିରୋଧରେ ମୁହଁ ଖୋଲୁନାହାନ୍ତି ଜନପ୍ରତିନିଧି

**ସମ୍ବଲପୁର,୨୬।୮(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଦେବଝରନ୍‌ଠାରେ ଯୁଯୁମୁରା ଭାଜପା ପକ୍ଷରୁ ଶୁକ୍ରବାର ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ହୋଇଥିବା ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଆସନ୍ତ ୨୮ରେ ବିରୋଧିଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ବଲପୁର ଆସିବାର କାର୍ଯ୍ୟକ୍ରମ ରହିଛି। ଯୁଯୁମୁରାରେ ତାଙ୍କୁ ସ୍ୱାଗତ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହାସହ ଯୁଯୁମୁରା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଦୁର୍ନୀତ ହେଉଥିବା ଅଭିଯୋଗ ହେଉଛି। ବିଧାୟକ, ଏମ୍‌ପିଙ୍କ ପାଣ୍ଠିରେ ମଧ ଆର୍ଥିକ ଅନମିୟତା ହୋଇଛି। ହେଲେ ଏମ୍‌ପି, ବିଧାୟକ କିମ୍ବା ତାଙ୍କ ପ୍ରତିନିଧି ଦୁର୍ନୀତି ବିରୋଧରେ ମୁହଁ ଖୋଲୁନାହାନ୍ତି। କିନ୍ତୁ ଏହା ବିରୁଦ୍ଧରେ ଲଢେଇ ଜାରି ରହିବ। ଏହି ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଅଭିଯୋଗ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧରେ ଓବିସି ମୋର୍ଚ୍ଚା ବ୍ଲକ ସଭାପତି ହେମନ୍ତ ପ୍ରଧାନ, ଅମରେଶ ପ୍ରଧାନ, ଧ୍ରୁବଚରଣ ବିଶ୍ୱାଳ, ସୁଦର୍ଶନ ମାଝି, ବିବେକା ମାଝି, ଭୀଷ୍ମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ୧୩୨ ନୂତନ ହିତାଧିକାରୀଙ୍କୁ ମିଳିଲା ଭତ୍ତା

**ଜମନକିରା,୨୬।୮(ଡି.ଏନ.ଏ.):** ଜମନକିରା ବ୍ଲକର ବିଭିନ୍ନ ପଞ୍ଚାୟତର ୧୩୨ ଜଣ ନୂତନ ହିତାଧିକାରୀଙ୍କୁ ଶୁକ୍ରବାର ଭୋଜପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ପ୍ରଦାନ କରଯାଇଛି। ବିଧାୟକ କିଶୋର ଚନ୍ଦ୍ର ନାଏକ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶୁକ୍ରବାର ବ୍ଲକ ଅଧକ୍ଷା ଆଶ୍ରିତା ଭୋଇ ଭୋଜପୁର, ଫାଶୀମାଲ, ଗୁଣ୍ଡୁରୁଟୁଆ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲାପରିଷଦ ଜୋନ ୧ ସଦସ୍ୟା ସୁଜାତା ଖୁଣ୍ଟିଆ, ଜୋନ ୨ର ତନୟା ଧୁରୁଆଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ।

### ମହୁଲଫୁଲ ବୋଝେଇ ପିକ୍‌ଅପ୍ ଜବତ: ୨ ଗିରଫ

**ଖପ୍ରାଖୋଲ,୨୬।୮(ଡି.ଏନ.ଏ.):** ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ ନାଗେନମାଳ ଗାଁରେ ଚଢ଼ାଉ କରାଯାଇ ମହୁଲ ଫୁଲ ବୋଝଇ ଏକ ବୋଲେରୋ ପିକ୍‌ଅପ୍ ଜବତ କରାଯାଇଛି। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ବେଆଇନ ମହୁଲ ଫୁଲ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ କର୍ମଚାରୀ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ଚୋରାଚାଲାଣରେ ବ୍ୟବହୃତ ଗାଡି (ନଂଓଡି୧୭ଏଚ ୯୮୮୬)ରୁ ୧୫ କୁଇଣ୍ଟାଲ ମହୁଲ ଜବତ ହୋଇଛି। ଏହା ଚାଲାଣ କରୁଥିବା ଅଭିଯୋଗରେ ବରଗଡ଼ ଜିଲା ବୁଡେନ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଅଭି ରଣା ଓ ଦହିତା ଗ୍ରାମର ନରେନ୍ଦ୍ର ମେହେରଙ୍କୁ ଗିରଫ କରାଯାଇଥିବା ପାଟଣାଗଡ ଅବକାରୀ ଥାନା ଅଧିକାରୀ ସତ୍ୟନାରାୟଣ ଦାସ ପ୍ରକାଶ କରିଛନ୍ତି। ଚଢ଼ାଉ ସମୟରେ ପାଟଣାଗଡ, କଣ୍ଟାବାଞ୍ଜି ଓ ଟିଟିଲାଗଡ ଅବକାରୀ ବିଭାଗ ଅଧିକାରୀ, କର୍ମଚାରୀ ସାମିଲ ଥିଲେ। ଏନେଇ ପାଟଣାଗଡ ଅବକାରୀ ଥାନା ପିଆର ନଂ ୯୪/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଜଣାଯାଇଛି।

### ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଶୌଚାଳୟ ଉଦ୍‌ଘାଟିତ

**ଖଡ଼ିଆଳ,୨୬।୮(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରଣା କୋଠାରେ ସର୍ବସାଧାରଣ ଶୌଚାଳୟ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଏନ୍‌ଏସି ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ମୁଖ୍ୟଅତିଥି ଭାବେ ଖଡ଼ିଆଳ ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ଶୌଚାଳୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କାଉନସିଲର ରାଜରାଣୀ ପଟ୍ଟନାୟକ ଏବଂ ସଚ୍ଛତା ଅଧିକାରୀ ରାଜୀବ ମିସ୍ତ୍ରୀ, ରିତେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହରର ମଧ ଭାଗରେ ଥିବାବେଳେ ତାର ପାର୍ଶ୍ୱରେ ଦୈନିକ ବଜାର ରହିଛି। ଫଳରେ ଏଠାରେ ବହୁତ ଗହଳି ରହୁଥିବା ବେଳେ ଏଠାରେ ଶୌଚାଳୟ ନାହିଁ।

# ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସମୀକ୍ଷା

**ଝାରସୁଗୁଡ଼ା ଅଫିସ,୨୬।୮**

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ପ୍ରମୋଦ କୁମାର ମେର୍କାପ ୨ଦିନିଆ ଝାରସୁଗୁଡା ଜିଲାରେ ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଖାଦ୍ୟ ସୁରକ୍ଷା ଯୋଜନାର ସମୀକ୍ଷା କରିଛନ୍ତି। ଆୟୋଗ ଅଧକ୍ଷ ଦୁର୍ଲଗାସ୍ଥିତ ଯୋଗାଣ ବିଭାଗର ସୁଲଭ ମୂଲ୍ୟ ଖାଉଟି କେନ୍ଦ୍ର ପରିଦର୍ଶନ କରି ବୋର୍ଡ ଓ ରେଜିଷ୍ଟର ଯାଞ୍ଚ କରିଥିଲେ। ହିତାଧିକାରୀଙ୍କୁ ଚାଉଳ, ଗହମ ଆଦି ସୁଚାରୂପେ ବଣ୍ଟନ ହେଉଛି କି ନାହିଁ ପଚାରି ବୁଝିଥିଲେ। ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ରହିଥିବା ଖାଦ୍ୟସାମଗ୍ରୀ ଯାଞ୍ଚ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପୁଷ୍ଟିସାଧନ କେନ୍ଦ୍ରରେ ପୁଷ୍ଟି ହୀନତାରେ ଶିକାର ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟ ଓ ଔଷଧ ସମ୍ପର୍କରେ ବିଭାଗୀୟ ଅଧିକାରୀକୁ ପଚାରି ବୁଝିଥିଲେ।


ବୈଠକରେ ଉପସ୍ଥିତ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀ।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ମେର୍କାପ ଓ ସଭ୍ୟ ଦିଗ୍‌ବିଜୟ ନାଥ ପାଢୀ, ଆୟୋଗଙ୍କ ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ଷଡଙ୍ଗୀ, ପରାମର୍ଶଦାତା

**ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ଝାରସୁଗୁଡ଼ା ଜିଲା ଗସ୍ତ**

ତମାଲ ରେଜା, ଜିଲାପାଳ ସରୋଜ କୁମାର ସାମଲ, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତପିରାମ ମାଝି, ପ୍ରକଳ୍ପ ନିର୍ଦ୍ଦେଶକ (ପୁର୍ନବାସ ଓ ଥଇଥାନ) ଆଲୋମଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଖାଦ୍ୟ ସୁରକ୍ଷା ସାଧାରଣ ଲୋକଙ୍କ ଅଧିକାର ହୋଇଥିବାରୁ ହିତାଧିକାରୀ ଯେପରି ଖାଦ୍ୟସାମଗ୍ରୀରୁ ବଞ୍ଚିତ ନ ହୁଅନ୍ତି ସେ ନେଇ ଅଧିକ ଯତ୍ନବାନ ହେବା ସହ ସଠିକ୍ ହିତାଧିକାରୀ ଚୟନ ପୂର୍ବକ ରାଶନକାର୍ଡ ଯୋଗାଣ ପାଇଁ ପରାମର୍ଶ ଦେଇଥିଲେ। ଗର୍ଭବତୀ ଓ ପ୍ରସୁତି ମହିଳାମାନଙ୍କୁ ୩ମାସ ଧରି ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟ ଓ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନଭୋଜନ କିପରି ଅଧିକ ପୁଷ୍ଟିଯୁକ୍ତ ହୋଇପାରିବ ସେ ଦିଗରେ ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳ ସାମଲ ଜିଲା ଖଣିଜ ପାଣ୍ଠି ସହାୟତାରେ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆୟୋଗ ଅଧକ୍ଷଙ୍କୁ ଅବଗତ କରିଥିଲେ। ଏହି ଅବସରରେ ରାଜ୍ୟ ଖାଦ୍ୟ ଆୟୋଗ ତତ୍ତ୍ୱାବଧାନରେ ପ୍ରକାଶିତ ମାର୍ଗଦର୍ଶିକା ପୁସ୍ତକ ବିତରଣ କରାଯାଇଥିଲା।

### ରାସ୍ତା ନିର୍ମାଣ କାମ ହାତକୁ ନେଲା ଏମ୍‌ସିଏଲ୍

**ସମ୍ବଲପୁର,୨୬।୮(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଝାରସୁଗୁଡା ଜିଲାର ବିଟୁମିନୟସ ରାସ୍ତା ଓ ସମ୍ବଲପୁର ଜିଲା ବରପାଲି ଗ୍ରାମର ଗୋଧନଠାରୁ ଭୋଇପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେଇଛି। ଗୋଧନ ଗ୍ରାମଠାରୁ ପ୍ରାୟ ୨କି.ମି ରାସ୍ତା ଶୋଚନୀୟ ହୋଇପଡିଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ପ୍ରାୟ ୫ଶହ ଗ୍ରାମବାସୀ ଉପକୃତ ହୋଇପାରିବେ। କମ୍ପାନୀ ରାସ୍ତା ପ୍ରଶସ୍ତୀକରଣ, ଡ୍ରେନ ନିର୍ମାଣ, କମ୍ୟୁନିଟ ହଲ, ଖେଳ ପଡିଆର ବିକାଶ ପ୍ରଭୃତି କାର୍ଯ୍ୟ କରୁଛି। ଏମ୍‌ସିଏଲ୍ କାୟାକଳ୍ପ ସ୍କିମ ଅଧୀନରେ ସମ୍ବଲପୁର ଜିଲା ଧନକଉଡା ବ୍ଲକର ବସନ୍ତପୁର ଗ୍ରାମରେ ପାଇପ ଜଳଯୋଗାଣ, ରାସ୍ତା ନିର୍ମାଣ ଓ କମ୍ୟୁନିଟି ସେଣ୍ଟର ନବୀକରଣ, ବିଦ୍ୟାଳୟରେ ବିଦ୍ୟୁତ୍‌କରଣ ଭଳି କାର୍ଯ୍ୟ କରିଛି। ଅନୁଗୋଳ, ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ ଜିଲାର ଗ୍ରାମାଞ୍ଚଳରେ ମଧ କମ୍ପାନୀ ବିକାଶ କରିଚାଲିଛି।

# ଜିଏମ୍‌ୟୁରେ ଜାତୀୟ ଆଲୋଚନାଚକ୍ର



ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥି।

**ସମ୍ବଲପୁର,୨୬।୮(ବ୍ୟୁରୋ)**

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ନ୍ୟାଶନାଲ କମିଶନ ଫର ସିଡ୍ୟୁଲଟ୍ରାଇବ (ଏନ୍‌ସିଏସ୍‌ଟି) ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜନରେ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅମୃତ ବିହାରସ୍ଥିତ ଜିଏମ୍‌ୟୁ ଅଧ୍ୟାପନା ପ୍ରକୋଷ୍ଠ-୧ରେ କୁଳପତି ଏନ୍ ନାଗାରାଜୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ସିଏସ୍‌ଟି ଓଡିଶା ରିଜିଅନ ଆସିଷ୍ଟାଣ୍ଟ ଡାଇରେକ୍ଟର ଅଶୋକ ବର୍ଦ୍ଧନ ଜନଜାତି ଆୟୋଗର କ୍ଷମତା ଓ କାର୍ଯ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜନଜାତି ସମାଜ ଉକ୍ତ ଆୟୋଗ ମାଧ୍ୟମରେ ବ୍ୟକ୍ତିଗତ/ସାମୂହିକ ସମସ୍ୟାର ସମାଧାନ କରିପାରିବେ ବୋଲି କହିଥିଲେ। ଗୀତାଞ୍ଜଳି ଭୋଇ ବକ୍ତା ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାୟକ, ବୀର୍ସା ମୁଣ୍ଡା, କଳାହାଣ୍ଡିର ରେଣ୍ଡୋ ମାଝି, ତତ୍କାଳୀନ ପାଟଣା ଷ୍ଟେଟର ଧରମ ସିଂହ ମାଝି ମାନଧାତା ପ୍ରମୁଖଙ୍କ ବିଷୟରେ ଆଲୋଚନା କରିଥିଲେ। ଜିଏମ୍‌ୟୁ କୁଳସଚିବ ଯୁଗଲେଶ୍ୱରୀ ଦାଶ ଆଦିବାସୀଙ୍କ ବୀରତ୍ୱ ଓ ଗରିମା ସହ ଦେଶ ସ୍ୱାଧୀନ ସମୟର ଭୂମିକାକୁ ମନେ ପକାଇଥିଲେ।

# ଖାଉଟି ଅଦାଲତରେ ବିଲ୍ଡର ଦୋଷୀ ସାବ୍ୟସ୍ତ

**ସମ୍ବଲପୁର,୨୬।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଉପଭୋକ୍ତା ବିବାଦ ନିବାରଣ ଆୟୋଗ ଏକ ମାମଲାରେ ଶୁଣାଣି କରି ବରୁଣ ଡେପଲପର୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଗୋପାଲ ଅଗ୍ରୱାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆୟୋଗ ସଭାପତି ଡ. ରମାକାନ୍ତ ଶତପଥି, ସଦସ୍ୟ ସଦାନନ୍ଦ ତ୍ରିପାଠୀ ଶୁଣାଣି କରି ଅଭିଯୋଗକାରିଣୀ ନଜହତ ନହ୍ୱାଖାନଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି, ମାମଲା ପରିଚାଳନା ବାବଦକୁ ୨୫ ହଜାର ଟଙ୍କା, ୧୨ ପ୍ରତିଶତ ସୁଧହାରରେ ଟଙ୍କା ପ୍ରଦାନ, ଅଭିଯୋଗ କାରିଣୀଙ୍କ ସହ ୧ ମାସ ଭିତାରେ ସେଲ୍‌ଡିଡ୍ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ୨୦୦୮ ମସିହାରେ ବରୁଣପ୍ଲାଜା କମ୍ପ୍ଲେକ୍ସରେ ୧୩ଶହ ବର୍ଗଫୁଟର ଫ୍ଲାଟ ପାଇଁ ଅଭିଯୋଗକାରିଣୀ ନଜହତ ଓ ବରୁଣ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ସହିତ ଚୁକ୍ତି ହୋଇଥିଲା। ୧୨ ଲକ୍ଷ ୪୯୯ ଟଙ୍କା ଦେବା ପରେ ଏକ ଫ୍ଲାଟ ଯୋଗାଇ ଦେଇଥିଲେ। ହେଲେ ଦୀର୍ଘବର୍ଷ ପରେ ମଧ ବିଲ୍ଡର ରେଜେଷ୍ଟ୍ରି କଲେ ନାହିଁ। ଅଭିଯୋଗକାରିଣୀ ପଚାରିଲେ ଧମକଚମକ ସହ ଆହୁରି ଟଙ୍କା ଦାବି କରି ସମୟ ଗଡାଇ ଚାଲିଥିଲେ। ପରେ ଏ ନେଇ ଖାଉଟି ଅଦାଲତରେ ଅଭିଯୋଗ ହୋଇଥିଲା।

### ୨୮ରେ ଝାରସୁଗୁଡ଼ାରେ ସାଇକ୍ଲୋଥୋନ

**ଝାରସୁଗୁଡ଼ା ଅଫିସ,୨୬।୮**

ଝାରସୁଗୁଡ଼ା ମାରୁୱାଡି ଯୁବାମଞ୍ଚ ତରଫରୁ ଆସନ୍ତା ୨୮ତାରିଖରେ ସାଇକ୍ଲୋଥୋନ (ସାଇକେଲ୍ ରାଲି) ଅନୁଷ୍ଠିତ ହେବ। ଏ ନେଇ ଯୁବାମଞ୍ଚ ତରଫରୁ ଜିଲା ସଭାପତି ଆକାଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସହରର ଏକ ହୋଟେଲରେ ଶୁକ୍ରବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ନରେଶ ଅଗ୍ରୱାଲ, ସମ୍ପାଦକ ଭାୱାନ୍ତ ଅଗ୍ରୱାଲ, ସଂଯୋଜକ ବିମଳ ଅଗ୍ରୱାଲ, ଜିଲା ସମ୍ପାଦକ ଆଦର୍ଶ କେଡିଆ, କୋଷାଧ୍ୟକ୍ଷ ଅରୁଣ ଶର୍ମା, ସଂଯୋଜକ ମନିଷ ମୋରେ ପ୍ରମୁଖ ଉପସ୍ଥିତ ଥିଲେ। ଯୁବାମଞ୍ଚର ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହି ସାଇକେଲ୍ ରାଲି ସହର ମନମୋହନ ଏମ୍‌ଇ ସ୍କୁଲ୍ ସମ୍ମୁଖରୁ ସକାଳ ୬ଟାରେ ବାହାରି କାଳୀମନ୍ଦିର ସମ୍ମୁଖରେ ପହଞ୍ଚିବ। ଏଥିରେ ବିଭିନ୍ନ ସଂଗଠନ, ଛାତ୍ରୀଛାତ୍ର ଓ ମାରୁୱାଡି ଯୁବାମଞ୍ଚର ସଦସ୍ୟମାନେ ସାମିଲ ହେବାପାଇଁ ଆୟୋଜକ ତରଫରୁ ଅନୁରୋଧ କରାଯାଇଛି।

# ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗୀକରଣ କର୍ମଶାଳା


କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

**ନାକଟିଦେଉଳ,୨୬।୮(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ରେଢାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ସହକାରୀ ଉପଜିଲାପାଳ ପ୍ରୀତିଶ କୁମାର ପଣ୍ଡା, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀତା ଭୋଇ, ରାଜନୀତି ବିଜ୍ଞାନ ଅଧ୍ୟାପକ କୌଶିକ ପ୍ରଧାନ, ଇଂଲିଶ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହିତ ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ଆପ୍ ଭୋଟର ହେଲ୍ପ ଲାଇନକୁ ମୋବାଇଲରେ ମଧ ଡାଉନଲୋଡ୍ କରି ନିଜର ଆଧାର ନମ୍ବରକୁ ଭୋଟର ପରିଚୟପତ୍ର ସହିତ ସଂଯୋଗ କରିପାରିବେ। ଏହି ପ୍ରକ୍ରିୟା ସମ୍ପର୍କରେ ଅଧିକାରୀମାନେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

# ରେଙ୍ଗାଲି ବ୍ଲକରେ ବୁଲିଲା ଅହିଂସା ରଥ


ଅହିଂସା ରଥକୁ ସ୍ୱାଗତ କରାଯାଉଛି।

**ରେଙ୍ଗାଲି,୨୬।୮(ଡି.ଏନ.ଏ.)**

ସମ୍ବଲପୁର ଜଲା ରେଙ୍ଗାଲି ବ୍ଲକର ଲଇଡା, ଝାଙ୍କରପାଲି, କତରବଗା ଓ ଖିଣ୍ଡା ଆଦି ୪ ପଞ୍ଚାୟତରେ ଶୁକ୍ରବାର ଅହିଂସା ରଥ ବୁଲିଥିଲା। ରେଙ୍ଗାଲି ବ୍ଲକର ନୂଆପାଲି, ଲଇଡା, ଲାଙ୍ଗବାହାଲ ଓ ଖିଣ୍ଡା ଗ୍ରାମରେ ରଥ ପହଞ୍ଚିବା ପରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଭବ୍ୟ ସ୍ୱାଗତ କରିଥିଲେ। ନୂଆପାଲିରେ ଶହୀଦ ସୁବେଦାର ବ୍ରଜକିଶୋର ନାଏକଙ୍କୁ ମାଲ୍ୟାର୍ପଣ କରି ତାଙ୍କ ଭାଇ ନବକିଶୋର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲଇଡାରେ ସ୍ୱାଧୀନତା ସଂଗ୍ରାମୀ ରାଜୀବ ଲୋଚନ ତିୱାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ପୁଅ ଦେବ ନାରାୟଣ ତିୱାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲାଙ୍ଗବାହାଲରେ ବୀର ବୀର୍ସା ମୁଣ୍ଡା ଓ ଖିଣ୍ଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତାଙ୍କର ଦାୟାଦ ଲାଲ ଫକୀର ସାଏଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଙ୍ଗାଲି ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ଜୋନ ୨ ଜିଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରୀ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର, ଜଣେ କୋର୍ଟ ଚାଲାଣ

**ଜୁନାଗଡ,୨୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଏକ ଲଜ୍ଜା ଜନକ ଘଟଣା ସାମ୍ନାକୁ ଆସିଛି। ଏହି ଥାନା ଅଧୀନ ଏକ ଗ୍ରାମର ଜଣେ କଥା କହିପାରୁ ନ ଥିବା ଓ ଶୁଣିପାରୁ ନ ଥିବା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୩୫୯/୨୨) ରୁଜୁ କରିଛି। ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଉକ୍ତ ଗ୍ରାମର କ୍ଷେତ୍ରୀ ରଞ୍ଜନ ମଲ୍ଲିକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ହାଡ଼ିପାଲି ହାଇସ୍କୁଲରେ ପ୍ରତିଭା ସମ୍ମାନ

**କୁଚିଣ୍ଡା,୨୬।୮(ଡି.ଏନ.ଏ.)**

ହାଡିପାଲି ପଞ୍ଚାୟତ ସରକାରୀ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ସମ୍ମାନିତ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କରୁଣାମୟୀ ଧିତ୍ୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟଅତିଥି ଓ ଅଭିଯାନର ସଭାପତି ସୁବାସ ଚନ୍ଦ୍ର ନାୟକ, କୁସୁମୀ ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼. ବିହାରୀ ଲାଲ ପଟେଲ, ସରପଞ୍ଚ ମନ୍ଦାକିନୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗତ ମାଟ୍ରିକ ପରୀକ୍ଷାରେ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସଞ୍ଜନା ମାକର୍, ପୂଜା ଛତ୍ରିଆ ଓ ଛାତ୍ର ସହଦେବ ସିଂଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଶିକ୍ଷକ ପ୍ରମୋଦ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆବାହକ ପ୍ରଭାତ ବେହେରା ଅଭିଯାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂଯୋଜକ ରମେଶ କିଷାନ ବିବରଣୀ ଉପସ୍ଥାପନ ଓ ସହକାରୀ ଶିକ୍ଷକ ଗୋପାଳ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।


କୃତୀ ପିଲାଙ୍କ ସହ ଅତିଥିମାନେ।

# ଗଣତନ୍ତ୍ରକୁ ହତ୍ୟାକରି ଅମଲାତନ୍ତ୍ର ଶାସନ ଚାଲିଛି

**ସମ୍ବଲପୁର,୨୬।୮(ବ୍ୟୁରୋ)**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫ ଟି ସଚିବ ଭି.କେ. ପାଣ୍ଡିୟାନ ଗୁରୁବାର ସମ୍ବଲପୁର ଗସ୍ତରେ ଆସି ବୁର୍ଲା ଭିସୁଟ୍ ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୧ ହଜାର କୋଟି ଘୋଷଣା କରିଥିଲେ। ଏହାକୁ ନେଇ ଜିଲା ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଅସନ୍ତୋଷ ବ୍ୟକ୍ତ କରି ରାଜ୍ୟ ସରକାର ଉପରେ ବର୍ଷିଛନ୍ତି। କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ସେମାନେ ରାଜ୍ୟରେ ଗଣତନ୍ତ୍ରକୁ ହତ୍ୟା କରାଯାଇ ଅମଲାତନ୍ତ୍ର ଶାସନ ଚାଲିଛି ବୋଲି ଅଭିଯୋଗ କରିଥିଲେ। ସେମାନେ କହିଥିଲେ, ପୂର୍ବରୁ ପଶ୍ଚିମ ଓଡିଶାକୁ ଅବହେଳା କରାଯାଉଥିଲା। ଏବେ ଭିସୁଟ୍ ପାଇଁ ୧ ହଜାର କୋଟି ଦେଇ ଲଲିପପ ଦେଇଛନ୍ତି। ଏହା କେବଳ ଘୋଷଣାରେ ସୀମିତ ରହିଯିବ ବୋଲି ଜଣାପଡୁଛି। ଭାଜପା ପକ୍ଷରୁ ଭିସୁଟ୍‌କୁ ଅବହେଳା କରାଯାଉଛି ବୋଲି ଅଭିଯୋଗ ହୋଇଆସୁଥିଲା।


ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଅଗଷ୍ଟ ୧୩ରେ ସମ୍ବଲପୁର ଗସ୍ତରେ ଆସିଥିଲେ। ଏହି ସମୟରେ ଭିସୁଟ୍‌ର ଏକ ପ୍ରତିନିଧି ଦଳ ମନ୍ତ୍ରୀ ପ୍ରଧାନଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାସହ ପୁରାତନ ଛାତ୍ରଙ୍କ ପ୍ରତିନିଧି ଦଳ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କ ସହ ମଧ ଭିସୁଟ୍ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହା ଜାଣିବା ପରେ ରାଜନୈତିକ ଫାଇଦା ନେବା ଉଦ୍ଦେଶ୍ୟରେ ହଠାତ୍ ରାଜ୍ୟ ସରକାର ଭିସୁଟ୍ ପାଇଁ ଅନୁଦାନ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ରହିଥିବାବେଳେ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀ ଆସି ଭିସୁଟ୍ ପାଇଁ ଅନୁଦାନ ଘୋଷଣା କରୁଛନ୍ତି। ଏହାଦ୍ୱାରା କେବଳ ପଶ୍ଚିମ ଓଡିଶାବାସୀ ନୁହନ୍ତି, ଜନ ପ୍ରତିନିଧି, ନେତା, ମନ୍ତ୍ରୀ ଭଳି ପଦପଦବୀରେ ଥିବା ବ୍ୟକ୍ତିବିଶେଷଙ୍କୁ ଅପମାନିତ କରାଯାଉଛି। ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ ଓ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଏମ୍‌ପି ଓ ବିଧାୟକଙ୍କୁ ନିମନ୍ତ୍ରଣ କରାଯାଉଛି। ଆଗାମୀ ଦିନରେ କୌଣସି ସମସ୍ୟା ହେଲେ ଜନତା ପାଖରେ ଜନପ୍ରତିନିଧି ଦାୟୀ ହେବେ ନା ପ୍ରଶାସନିକ ଅଧିକାରୀ ବୋଲି ପ୍ରଶ୍ନ କରିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଶ୍ୱିନୀ ମାଝି, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ସାଧାରଣ ସମ୍ପାଦକ ଶିବ ଦିୱାନ, ଦିନେଶ କୁମାର ସାହୁ, କାହ୍ନୁ ଶର୍ମା, ସୁଦୀପ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୭ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ନାତି ବିଧା ମାଡ଼ରେ ଜେଜେବାପା ମୃତ

ଟେନ୍ସା,୨୬।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ କନ୍ତରକୋଇଡା ଗ୍ରାମରେ ନାତିଙ୍କ ବିଧା ମାଡ଼ରେ ସାବତ ଜେଜେବାପାଙ୍କ ମୃତ୍ୟୁ ହୋଇଛି। ପୋଲିସ ଅଭିଯୁକ୍ତ ନାତି ରୋହିତ ମାହାନ୍ତ (୨୪)ଙ୍କୁ ଗିରଫ କରିଛି। ଗୁରୁବାର ରାତିରେ ଜେଜେ ବାପା ମନୋଜ ଶର୍ମା (୫୫) ଏବଂ ରୋହିତଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଯେଉଁଥିରେ ଉତ୍ତେଜିତ ହୋଇ ରୋହିତ ସାବତ ଜେଜେବାପାଙ୍କୁ ଆକ୍ରମଣ କରିଥିଲେ। ଏମିତି କି ଜେଜେବାପା ତଳେ ପଡିଯିବା ପରେ ମଧ ନୃଶଂସ ନାତି ତାଙ୍କ ଛାତି ଉପରେ ବସି ମୁହଁକୁ ବିଧା ପରେ ବିଧା ମାରି ଚାଲିଥିଲେ। ଯେଉଁଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସୂଚନାପାଇ କୋଇଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

### ନାଳରେ ଭାସିଯାଇ ଯୁବକ ମୃତ

ଲହୁଣୀପଡା,୨୬।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁମାକେଲା ଗ୍ରାମର ମାଙ୍ଗତା ଓରାମ (୧୯)ଶୁକ୍ରବାର ନିକଟସ୍ଥ ଜଙ୍ଗଲରୁ ଗାଈ ଚରାଇ ମଧାହ୍ନରେ ଘରକୁ ଫେରୁଥିବା ବେଳେ କୁମାକେଲା ନାଳରେ ପାରି ହେଉଥିବା ଅବସ୍ଥାରେ ଖସିପଡି ଭାସି ଯାଇଥିଲେ। କିଛି ସମୟ ପରେ ସେହି ବାଟଦେଇ ଗ୍ରାମର କିଛି ଲୋକ ନାଳ ପାରିହୋଇ ଆସୁଥିବା ସମୟରେ ଏକ ମୃତଦେହ ନାଳରେ ଭାସୁଥିବା ଦେଖିଥିଲେ। ଏ ସଂକ୍ରାନ୍ତରେ ଗ୍ରାମରେ ଖବର ଦେବାରୁ ଗ୍ରାମର କିଛି ଲୋକ ଆସି ଦେଖିଲେ ମୃତଦେହ କୁମାକେଲା ଗ୍ରାମର ମାଙ୍ଗତା ଓରାମଙ୍କର। ଏ ସଂକ୍ରାନ୍ତରେ ଚାନ୍ଦିପୋଷ ଥାନାରେ ଖବର ଦେବାରୁ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାଳରୁ ମୃତଦେହ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସକୁ ପଠାଇବା ସହିତ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ କୋର୍ଟ ଚାଲାଣ

ଲହୁଣୀପଡ଼ା,୨୬।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ରୁନୁକ ବେର୍ଣ୍ଣା ଗ୍ରାମର ଜଣେ ବ୍ୟକ୍ତି ସେହି ଗ୍ରାମର ଜଣେ ଯୁବତୀଙ୍କୁ ଏକୁଟିଆର ସୁଯୋଗ ନେଇ ଜଙ୍ଗଲ ଭିତରେ ବଳାତ୍କାର କରିଥିଲେ। ଗ୍ରାମର ବିଜୟ ଓରାମ (୪୮)ନିକଟସ୍ଥ ଜଙ୍ଗଲକୁ ଗାଈ ଚରେଇବା ପାଇଁ ଯାଇଥିବାବେଳେ ଦେଖିବାକୁ ପାଇଥିଲେ ଯେ ସେହି ଗ୍ରାମର ଜଣେ ଯୁବତୀ ଏକୁଟିଆ ଗାଈ ଚରାଉଛନ୍ତି। ଏହାର ସୁଯୋଗ ନେଇ ବିଜୟ ଓରାମ ଜଙ୍ଗଲ ଭିତରେ ଉକ୍ତ ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏ ସଂକ୍ରାନ୍ତରେ ଯୁବତୀ ଜଣକ ନିଜ ଘରେ ଜଣାଇବାରୁ ପରିବାର ଲୋକ ଚାନ୍ଦିପୋଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହିତ ବିଚାରକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହିତ ବିଜୟ ଓରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଟ୍ରାକ୍‌ରୁ ଚୋରି, ୨ ଗିରଫ

ବରଗଡ଼ ଅଫିସ୍,୨୬।୮: ରେଲୱେ ଟ୍ରାକ୍‌ରୁ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ବରଗଡ଼ ଜିଲା ଭଟଲି ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅମ୍ବାଭୋନା ଥାନା ବଡ଼ଜାମପାଲି ଗ୍ରାମର ବିମଳ ସାହୁ ଏବଂ ବାଞ୍ଜିପାଲି ଗ୍ରାମର ଗୋବର୍ଦ୍ଧନ ଡନସନା।

# ଆବାସ ଯୋଜନା କିସ୍ତି ଟଙ୍କା ପ୍ରଦାନରେ ବିଳମ୍ବ

## ଜିଲାପାଳଙ୍କୁ ଭେଟିଲେ ହିତାଧିକାରୀ

ସୁନ୍ଦରଗଡ,୨୬।୮(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିସ୍ତି ଟଙ୍କା ମଞ୍ଜୁରରେ ବିଳମ୍ବ କରାଯାଉଥିବା ଅଭିଯୋଗ କରି ଶୁକ୍ରବାର ସୁନ୍ଦରଗଡ ପୌରାଞ୍ଚଳର ବିଭିନ୍ନ ୱାର୍ଡର ହିତାଧିକାରୀମାନେ ଜିଲାପାଳ ପରାଗ ହର୍ଷଦ ଗାଭାଲିଙ୍କୁ ଭେଟିଥିଲେ। ହିତାଧିକାରୀମାନେ ଅଭିଯୋଗ କରିଛନ୍ତି ଯେ,ସୁନ୍ଦରଗଡ ସହରରେ ବସବାସ କରୁଥିବା ଅନେକ ପରିବାରକୁ ଓଡିଶା ଲ୍ୟାଣ୍ଡ ସେଟେଲମେଣ୍ଟ ଆକ୍ଟିଭ୨୦୧୭ ଅନୁସାରେ ଏ ପର୍ଯ୍ୟନ୍ତ ଘରଡିହ ପଟ୍ଟା ମିଳି ନାହିଁ। ଯେଉଁ ଗରିବ ପରିବାରକୁ ଆବାସ ଯୋଜନାରେ ଘର ମଞ୍ଜୁର ହୋଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ କିସ୍ତି ଟଙ୍କା ମିଳି ନାହିଁ। ହିତାଧିକାରୀମାନେ କାର୍ଯ୍ୟାଦେଶ ପାଇବା ପରେ ତିନି ମାସ ମଧ୍ୟରେ ଘର ତିଆରି ନ କଲେ ସେମାନଙ୍କୁ ପ୍ରୋତ୍ସାହନ ରାଶି ମିଳିପାରିବ ନାହିଁ।ଏଣୁ ହିତାଧିକାରୀମାନେ ସିମେଣ୍ଟ, ଇଟା,ବାଲି, ଛଡ ଆଦି ଦୋକାନରୁ ଉଧାର ଆଣି ଘରକାର୍ଯ୍ୟ ଛାତ ଲେବଲ ପର୍ଯ୍ୟନ୍ତ କରି ସାରିଥିଲେ ମଧ ସେମାନେ କିସ୍ତି ଟଙ୍କା ପାଇବା ପାଇଁ ପୌରପାଳିକା କାର୍ଯ୍ୟାଳୟ ଦୌଡ ଦୌଡି ନୟାନ୍ତ ହୋଇଗଲେଣି। ଏପଟେ ଘର କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବର୍ଷା ଦିନରେ ପରିବାରକୁ ନେଇ ଚଳିବା କଷ୍ଟକର ହୋଇପଡିଛି। ଯାହା ବି କିଛି ଥିଲା ମଜୁରି ବାବଦରେ ଖର୍ଚ୍ଚ ହୋଇଯାଇଛି। ଏଣୁ ଏଭଳି ସ୍ଥିତିରେ ହିତାଧିକାରୀମାନଙ୍କୁ ଯଥାଶୀଘ୍ର କିସ୍ତି ଟଙ୍କା ମଞ୍ଜୁର ପାଇଁ ଦାବି କରାଯାଇଛି। ଜିଲାପାଳ ଏ ନେଇ ପୌରନିର୍ବାହୀ ଅଧିକାରୀଙ୍କୁ ଡକାଇ ଆଲୋଚନା କରି ତୁରନ୍ତ ହିତାଧିକାରୀମାନଙ୍କୁ କିସ୍ତି ଟଙ୍କା ମଞ୍ଜୁର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ କାଉନସିଲର ଡା ହିମାଂଶୁ ଶେଖର ଷଡ଼ଙ୍ଗୀ, ବୈକୁଣ୍ଠ ବନଛୋର, ମହେଶ ତନ୍ତୀ, ଅବନୀ ମିଶ୍ର,ଏମ ଡି ଆୟୁବ, ରିତା ସାହୁ, କାର୍ତ୍ତିକ କୁଲୁ, ଖିତିଶ ବାଦୀ ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ୱାର୍ଡରୁ ଶତାଧିକ ମହିଳା ପୁରୁଷ ହିତାଧିକାରୀମାନେ ଜିଲା ପରିଷଦ ସଭାଗୃହ ସମ୍ମୁଖରେ ଜିଲାପାଳଙ୍କୁ ଭେଟିଥିଲେ।


ଜିଲାପାଳଙ୍କୁ ଭେଟୁଛନ୍ତି ହିତାଧିକାରୀ।

## ରାଗିଂ ପ୍ରତିଷେଧ ସଚେତନତା କାର୍ଯ୍ୟକ୍ରମ




ଦେବଗଡ, ୨୬।୮(ଡି.ଏନ.ଏ)

ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ରାଗିଂ ପ୍ରତିଷେଧକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଆଣ୍ଟିଂ ରାଗିଂ ସେଲ ଆବାହିକା ତଥା ଇଂରାଜୀ ଅଧ୍ୟାପିକା ଦେବଜାନୀ କରଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତଥା ଆଣ୍ଟିଂ ରାଗିଂ ସେଲ ସଭାପତି ସନ୍ତୋଷ କୁମାର ଦେବତା ଉପସ୍ଥିତ ରହି ରାଗିଂର ଭୟାବହତା ଏବଂ ଏହାର ପ୍ରତିଶେଧ ପାଇଁ ରହିଥିବା ବିଭିନ୍ନ ଦିଗ ଉପରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ଏହି ଅବସରରେ ରାଗିଂକୁ ନାଁ କହିବା ଏବଂ ରାଗିଂ ମୁକ୍ତ କ୍ୟାମ୍ପସ ସୃଷ୍ଟି ପାଇଁ ସମସ୍ତ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଣ୍ଟିଂ ରାଗିଂ ସେଲର ଅଧ୍ୟାପକ ରଂଜନ କୁମାର ସାହୁ, ବିଜୟ କୁମାର ଶତପଥି, ବିଜୟ କୁମାର ପ୍ରଧାନ, ଜନସନ ସ୍ୱାଇଁ ଓ କ୍ରୀଡା ଶିକ୍ଷକ କାଶୀନାଥ ଶବରଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମଇଁଷି ଚାଲାଣ ବେଳେ ଗାଡ଼ି ଜବତ

ଲହୁଣୀପଡା,୨୬।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନାପଲି (ଲଡାମ) ଗ୍ରାମରୁ ଦୁଇଟି ପିକଅପ ଭ୍ୟାନ ଗାଡିରେ ଚୋରା ମଇଁଷି ଚାଲାଣ ହେଉଥିବା ଜାଣିପାରି ଗ୍ରାମବାସୀ ଅଟକ ରଖି ଲହୁଣୀପଡା ଥାନାକୁ ସୂଚନା ଦେଇଥିଲେ।ସୂଚନା ପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଜାରି କରିବା ସହିତ ଦୁଇଟି ପିକଅପ ଭ୍ୟାନ ବିଆର -୦୩ ଜିଏ ୩୧୬୭ ଓ ବିଆର ୦୩କେ – ୨୬୫୪ କୁ ଜବତ କରିବା ସହିତ ଗାଡ଼ିରେ ବୋଝେଇ ହୋଇଥିବା ଆଠଟି ମଇଁଷିକୁ ଉଦ୍ଧାର କରିଛନ୍ତି। ଏହି ଚୋରା ମଇଁଷି କାରବାର ରେ ସମ୍ପୃକ୍ତ ଥିବା ତିନିଜଣଙ୍କୁ ଅଟକ ରଖିଥିବା ଜଣାପଡିଛି।
ସୂଚନାରୁ ପ୍ରକାଶ ଯେ କେନାପଲି ବାଲି ଘାଟ ଛକ ନିକଟରେ ଦୁଇଟି ଗାଡ଼ିରେ ଆଠଟି ମଇଁଷି ବୋଝେଇ ହେଉଥିବା ଦେଖି ଗ୍ରାମବାସୀ ପଚରାଉଚରା କରିଥିଲେ। ଦୁଇଟି ଗାଡିର ଚାଳକଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଗ୍ରାମବାସୀ ଲହୁଣୀପଡା ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ଉକ୍ତ ଦୁଇଟି ପିକଅପ ଭ୍ୟାନ ଓ ଦୁଇ ଗାଡିର ଚାଳକ ଅର୍ଜୁନ ଯାଦବ ,ମୁନା ଯାଦବ ଓ ତାଙ୍କୁ ମଇଁଷି ବୋଝେଇ କରି ନେବା ପାଇଁ ଡାକିଥିବା ରଞ୍ଜିତ ପାତ୍ରଙ୍କ ନାମରେ ଏକ ମାମଲା ରୁଜୁ କରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡିଛି। ଚୋରା ଚାଲାଣ ମଇଁଷି ରାଉରକେଲା ଦେଇ ବିହାରକୁ ରପ୍ତାନି ହେବାକୁ ଥିବାବେଳେ ଏଥିରେ ସମ୍ପୃକ୍ତ ଥିବା ଚୋରା ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

# ଜିଲା କଂଗ୍ରେସ କମିଟି ପକ୍ଷରୁ 'ମେହେଙ୍ଗାଇ ପେ ଚର୍ଚ୍ଚା'


କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ଦେବଗଡ,୨୬।୮(ଡି.ଏନ.ଏ)

ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଶୁକ୍ରବାର 'ମେହେଙ୍ଗାଇ ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀମାନେ ଦିନକୁ ଦିନ ଅନିୟନ୍ତ୍ରିତ ହୋଇପଡୁଥିବା ଦରଦାମ ବୃଦ୍ଧି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଦୃଢ ସମାଲୋଚନା କରିଥିଲେ । ଏହି ଅବସରରେ ସେମାନେ ପେଟ୍ରୋଲ, ଡିଜେଲ, ଇନ୍ଧନ ଗ୍ୟାସ ସମେତ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଏବଂ ଉତ୍କଟ ବେକାରୀ ସମସ୍ୟାରେ ସାଧାରଣ ଲୋକେ ଅଣନିଃଶ୍ୱାସୀ ହୋଇପଡୁଥିବା ଦର୍ଶାଇବା ସହ ସରକାର ତୁରନ୍ତ ବର୍ଦ୍ଧିତ ଦରକୁ ହ୍ରାସ କରିବାକୁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଂଜୁଲତା ନାୟକ, ଜିଲା କଂଗ୍ରେସ ଏସସି ସେଲ ସଭାପତି ମଂଜୁଳ କୁମାର ନାଏକ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର, ଅମରଜିତ ବାର୍ଲା ଓ ଦୀପକ କୁମାର ବେହେରାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ ।

## ନିରକ୍ଷର ବୃଦ୍ଧଙ୍କ ନାମରେ ଜାଲିଆତି କରି ଋଣ ଉଠାଣ ଅଭିଯୋଗ : ପୋଲିସର ତଦନ୍ତ

ଦେବଗଡ,୨୬।୮(ଡି.ଏନ.ଏ)

ଜଣେ ନିରକ୍ଷର ତଥା ଦଳିତ ବୃଦ୍ଧଙ୍କ ନାମରେ ଜାଲ ଖତିଆନ ପ୍ରସ୍ତୁତ କରି ଜଣେ ସେବା ସମବାୟ ସମିତିର ସମ୍ପାଦକ ଚଞ୍ଚକତା ପୂର୍ବକ ଋଣ ଅର୍ଥ ହଡପ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଶୁକ୍ରବାର ସମ୍ପୃକ୍ତ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ଅଭିଯୋଗ ଅନୁଯାୟୀ ଦେବଗଡ଼ ଆଦର୍ଶ ଥାନା ଛେପିଲିପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ରମେଶ ବୁଡା (୭୭) ଜଣେ ନିରକ୍ଷର ତଥା ଦଳିତ ଶ୍ରେଣୀର ବୃଦ୍ଧ। ସମ୍ପୂର୍ଣ୍ଣ ଭାବେ ଭୂମିହୀନ ହୋଇଥିବା ବେଳେ ସେ ଗାଙ୍ଗନଣ ସେବା ସମବାୟ ସମିତିରେ ଋଣ ପାଇଁ କୌଣସି ଆବେଦନ କରି ନ ଥିଲେ। ମାତ୍ର ଇତି ମଧ୍ୟରେ ତାଙ୍କ ନାମରେ ଚଞ୍ଚକତା ପୂର୍ବକ ଉକ୍ତ ଗାଙ୍ଗନଣ ସେବା ସମବାୟ ସମିତିରୁ ଋଣ ଟଙ୍କା ଉଠାଣ ହୋଇଥିବା ସେ ଜାଣିବାକୁ ପାଇଥିଲେ। ସେହିପରି ସମ୍ପାଦକ ଗୌତମ ଦେହୁରୀ ରମେଶଙ୍କ ନାମରେ ଏକ ଜାଲ ଖତିଆନ (ଜମି ପଟ୍ଟା) ପ୍ରସ୍ତୁତ କରି ଉକ୍ତ ଋଣ ଟଙ୍କା ଉଠାଇଥିବା ଜାଣିବାକୁ ପାଇବା ପରେ ଏନେଇ ସେ ଉକ୍ତ ସେବା ସମବାୟ ସମିତି ସମ୍ପାଦକ ଦେହୁରୀଙ୍କୁ ପଚାରିଥିଲେ। ମାତ୍ର ସମ୍ପାଦକ ଦେହୁରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ରମେଶ ଗୁରୁବାର ଦେବଗଡ ଆଦର୍ଶ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

# ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ କାରଖାନା ରାସ୍ତାର ଜମି ଚିହ୍ନଟ



କୁତ୍ରା, ୨୬।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ୧୦ନମ୍ବର ରାଜ୍ୟ ରାଜପଥ କୁତ୍ରା ଥାନା ସମ୍ମୁଖରୁ ତେଲିଘଣା ଠାରେ ଅବସ୍ଥିତ ଜେଏସ ଡବ୍ଲୁ ଶିବା ସିମେଣ୍ଟ କାରଖାନା ପର୍ଯ୍ୟନ୍ତ ଯାଇଥିବା ଜେଏସଡବ୍ଲୁ ରାସ୍ତାର ଶୁକ୍ରବାର ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି।ଏଥିରେ କୁତ୍ରା ତହସିଲଦାର ରବିନ୍ଦ୍ର କୁମାର ସେଠୀ, ଅତିରିକ୍ତ ତହସିଲଦାର ହାବିଲ ଖାଖା ସମେତ ଆରଆଇ, ଅମିନ ରହି ଜମି ଚିହ୍ନଟ କରିଥିଲେ । ରାସ୍ତାର ଉଭୟ କଡରେ ଥିବା ଲୋକଙ୍କୁ ପୂର୍ବରୁ ନୋଟିସ ଦିଆଯାଇ ଶୁକ୍ରବାର ସମସ୍ତଙ୍କ ଉପସ୍ଥିତିରେ ଜମି ଚିହ୍ନଟ ହୋଇଛି। ଏହି ଅବସରରେ କୁତ୍ରା ପୋଲିସ ରହି ସ୍ଥିତି ଅନୁଧ୍ୟାନ କରିଥିଲା। ବାକି ଥିବା ଜମି ଚିହ୍ନଟ ଶନିବାର ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

# ରାସ୍ତା ମରାମତି କଲେ ଗ୍ରାମବାସୀ

କୁତ୍ରା,୨୬।୮(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରାରୁ ତୁଡାଲଗାକୁ ସଂଯୋଗ କରୁଥିବା ପିଚୁ ରାସ୍ତା ଖାଲଖମାରେ ଭର୍ତ୍ତିହୋଇଥିବା ବେଳେ କାହାରି ନଜର ପଡୁ ନ ଥିଲା। ଏହା ଦେଖି ଗ୍ରାମବାସୀ ଉକ୍ତ ରାସ୍ତାର ଖାଲ ସ୍ଥାନରେ ସିମେଣ୍ଟ କଂକ୍ରିଟ କରି ରାସ୍ତା ମରାମତି କରିଛନ୍ତି। ଗ୍ରାମର ଦିପକ କୁମାର ସାହୁ, ପଞ୍ଚରା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ତାପସ ହାଓ, ମିଞ୍ଜୁ ନାଗ, କୁନା କୁଜୁର ,ପରମିତ ପ୍ରଧାନ ପ୍ରମୁଖ ଗ୍ରାମବାସୀ ବୃନ୍ଦ ଏଥିରେ ସହଯୋଗ କରିଥିଲେ। ତେବେ ଏହାକୁ ନେଇ ସେମାନଙ୍କୁ ସବୁ ମହଲରୁ ସ୍ୱାଗତ କରାଯାଇଛି।


ଗ୍ରାମବାସୀ ସିମେଣ୍ଟ କଂକ୍ରିଟ କରି ରାସ୍ତା ମରାମତି କରୁଛନ୍ତି।

# ବେସାହାରା ପରିବାର ପାଖରେ ପହଞ୍ଚିଲେ ବିଧାୟିକା କୁସୁମ

ହେମଗିର,୨୬।୮(ଡି.ଏନ୍.ଏ)

ଗୁରୁବାର ଧରିତ୍ରୀ ଖବର କାଗଜରେ ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ରୋହିଣୀ ଗ୍ରାମର ଏକ ଖବର 'ବର୍ଷାରେ ଭାଙ୍ଗିଲା ଘର, ତିନି ଝିଅ ସହ ମା, ବେସାହାରା' ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ରୋହିଣୀ ଗ୍ରାମ ପରିଦର୍ଶନ କରିବା ସହିତ ଲଗାଣ ବର୍ଷାରେ ଭାଙ୍ଗିଯାଇଥିବା ଘର ଦେଖିଥିଲେ। ପରିବାର ଲୋକମାନଙ୍କୁ ଭେଟି ଥିଲେ ବିଧାୟିକା। ସେମାନଙ୍କ ସୁବିଧାଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ରହିଥିବା ସରକାରୀ ସୁବିଧା କିଭଳି ତୁରନ୍ତ ମିଳିପାରିବ ସେନେଇ ସେ ପଦକ୍ଷେପ ନେବେ ବୋଲି କହିଥିଲେ।


ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଭଙ୍ଗାଘର ଦେଖୁଛନ୍ତି।

# ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

ଦେବଗଡ,୨୬।୮(ଡି.ଏନ.ଏ)

ତିଲେଇବଣି ବ୍ଲକ ଲୁଢର ସ୍ଥିତ ସୁବାସ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ସେଠ ଓ ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗ ଅଧ୍ୟାପକ ନେତ୍ରାନନ୍ଦ ଜୟପୁରିଆ, ଅର୍ଥନୀତି ବିଭାଗ ଅଧ୍ୟାପକ ନରେନ୍ଦ୍ର କୁମାର ମହାପାତ୍ର, ଓଡିଆ ଅଧ୍ୟାପକ ରାକେଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବି ଗଙ୍ଗାଧରଙ୍କ ଜୀବନ ଏବଂ କାବ୍ୟକୃତି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସଦାନନ୍ଦ ରୋହିଦାସ ପ୍ରଥମ, ପୂଜାସ୍ୱିନି ନାୟକ ଦ୍ୱିତୀୟ ଏବଂ ଆଶା ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳନ କରାଯାଉଛି।

# ମଞ୍ଚ ନାଟକର ବାଦଶାହ: ରଣଜିତ୍



ରଣଜିତ୍ ପଟନାୟକଙ୍କ ପୈତୃକ ଗାଁ ଯଦିଓ କଟକ ଜିଲା ଅନ୍ତର୍ଗତ ଅଡ଼ଶପୁର, କିନ୍ତୁ ସେ ଜନ୍ମ ଗ୍ରହଣ କରିଥିଲେ ବରଗଡ଼ ଜିଲାର ପଦ୍ମପୁରରେ, ୨୦ ମାର୍ଚ୍ଚ ୧୯୫୭ରେ। ଝାରସୁଗୁଡ଼ା ଓ ସମ୍ବଲପୁରରେ କଟିଛି ତାଙ୍କର ଶିକ୍ଷା-ଜୀବନ। ସମ୍ବଲପୁର, ବାରିପଦା, ବ୍ରହ୍ମପୁର, ରାଉରକେଲା, ଭୁବନେଶ୍ୱର ଓ କଟକରେ ନାନା ପର୍ଯ୍ୟାୟରେ ସେ ବିତାଇଛନ୍ତି ତାଙ୍କ ବୃତ୍ତି-ଜୀବନ କାନାରା ବ୍ୟାଙ୍କ୍ ଅଧିକାରୀ ଭାବେ। ମଞ୍ଚ ଓ ନାଟକ ଉଭୟକୁ ନିଜର ପ୍ରତିଭାଦୀପ୍ତ ଦୂରଦୃଷ୍ଟିରେ ନୂଆ ରୂପ ଦେଇଥିବା ଏହି ନାଟ୍ୟକାରଙ୍କର ପରଲୋକ ହୁଏ ୧୦ ଅଗଷ୍ଟ ୨୦୨୨ରେ। ତାଙ୍କରି ସ୍ମୃତିରେ ଆଜିର ଏଇ ଆଲେଖ୍ୟ...

## ପ୍ରଦକ୍ଷିଣ

**ରାଜୀବ ପାଣି**

ବୋଧହୁଏ ୧୯୮୬ ମସିହାର କଥା। ଫତୁରାନନ୍ଦଙ୍କ 'ନାକଟା ଚିତ୍ରକର'କୁ ନାଟ୍ୟରୂପ ପ୍ରଦାନ କରିଥା'ନ୍ତି ରଣଜିତ୍ ପଟନାୟକ। ସିଭିକ୍‌ସେଣ୍ଟର, ରାଉରକେଲା ଅଡିଟୋରିୟମ୍‌ରେ ଫତୁରାନନ୍ଦ ଦେଖୁଥା'ନ୍ତି ନାଟକ। ସେ ତ ଦେଖିପାରୁ ନ ଥିଲେ, କିନ୍ତୁ ନାଟକର ସଂଳାପ ଶୁଣି ବିହ୍ୱଳିତ ହେଉଥିଲେ। ନାଟକ ସରିବା ପରେ ଫତୁରାନନ୍ଦଙ୍କୁ ପ୍ରଣାମ କରିବାକୁ ଆସିଲେ ରଣଜିତ୍‌ବାବୁ। ସେଇଠି ତାଙ୍କ ସହ ମୋର ପରିଚୟ ହେଲା। ତା'ପରେ ପରେ ବୁଲୁ ଚା' ଦୋକାନ ଖଟି। ଗାଳ୍ପିକ ସଦାନନ୍ଦ ତ୍ରିପାଠୀ, ଅରୁଣ ଦାସ, ଇନ୍‌କମ୍‌ଟ୍ୟାକ୍ସର ସେତେବେଳର ଡେପୁଟି କମିଶନର ଗାଳ୍ପିକ ଶ୍ୟାମା ପ୍ରସାଦ ଚୌଧୁରୀ, ରାଧୁ ମିଶ୍ର ଏବଂ ଅନ୍ୟମାନେ। ସେଇ ଦିନରୁ ଚାଲିଲା ନାଟକ, ସଙ୍ଗୀତ ଗଳ୍ପର ତ୍ରିବେଣୀ ସଙ୍ଗମ। ନୂଆ ନାଟକ 'ଇଚ୍ଛା ବନାମ ପଦ୍ମନାଭ' ସଫଳତାର ସହ ମଞ୍ଚସ୍ଥ ହେଲା ପରେ ଯୋଜନା ହେଲା ତତ୍‌କାଳୀନ କଂଗ୍ରେସ ସରକାରଙ୍କ ବିରୋଧରେ ବ୍ୟଙ୍ଗ ବିଦ୍ରୁପର ନାଟକ 'ପଞ୍ଚୁପାଣ୍ଡବ'ର। ସେଇ ନାଟକରେ ବଡ଼ ପୁଅର ଅଭିନୟ କରିବାକୁ ମୋତେ ସୁଯୋଗ ମିଳିଲା। ବହୁଚର୍ଚ୍ଚିତ ନାଟକ ପଞ୍ଚୁପାଣ୍ଡବ। ରାଉରକେଲାରେ ହଇଚଇ ସୃଷ୍ଟି ହେଲା। ପୁଣି 'ଚୌକି' ତାଙ୍କର ଏକ ସଫଳ ନାଟକ। ନିଜେ ଅଭିନୟ କରିବା ସହିତ ନିର୍ଦ୍ଦେଶନା ଦେଲେ। ତାଙ୍କର ଚରିତ୍ର ହେଲା ଏକ ଖବରକାଗଜର ମାଲିକ ହେବାର ନିଶା ଏବଂ ମୁଁ ତାଙ୍କର ସହଯୋଗୀ ଭୃତ୍ୟ। ଏମିତି ଅନେକ ସ୍ମୃତି ରଣଜିତ୍ ପଟନାୟକଙ୍କୁ ନେଇ। ତାଙ୍କ ଆଗରେ କଥା ହେବାର ସାହସ ଆମର ନ ଥିଲା। ଏଭଳି ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ, ରାଜକୀୟ ଠାଣି। ସତେଯେପରି ସେ ହେଲେ ଜଣେ ବାଦଶାହୀ ପୁରୁଷ। ଅନେକ ସୁଖଦୁଃଖରେ ଭାଗୀ ହେବାର ସୁଯୋଗ ମିଳିଛି ତାଙ୍କ ସହ।

ସେ ଏକାଧାରରେ ଜଣେ ବଳିଷ୍ଠ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ। ଏଭଳି ନିର୍ଦ୍ଦେଶକ ସେ 'ଦାନବୀୟ' ନାମରେ ଏକ ନାଟକର ରିହର୍ସାଲ ଚାଲିଥିଲା ସେକ୍ଟର-୩ସ୍ଥିତ ଗୀତା ଭବନରେ। ସ୍ୱର୍ଗତ ଅକ୍ଷୟ ଦାସ ଜଣେ ବଳିଷ୍ଠ ଓ ବରିଷ୍ଠ କଳାକାର। ସେ ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରୁଥିଲେ। ସେ ରଣଜିତ୍ ବାବୁଙ୍କଠାରୁ ପ୍ରାୟ ୧୫ ବର୍ଷ ବଡ଼। ସଞ୍ଜ ୭ ଘଟିକାରେ ରିହର୍ସାଲ ଆରମ୍ଭ ହେଲା, କିନ୍ତୁ ଅକ୍ଷୟ ଦାସ ୧୦ ମିନିଟ୍ ବିଳମ୍ବରେ ଆସିଲେ। ରଣଜିତ୍ ବାବୁ ତାଙ୍କୁ ରିହର୍ସାଲ ରୁମ୍‌କୁ ପୂରାଇଦେଲେ ନାହିଁ। ଦୁଇଘଣ୍ଟା ଧରି ଅକ୍ଷୟ ଦାସ ବାହାରେ ବସିଥା'ନ୍ତି ଏକ ଗଛମୂଳରେ। ରିହର୍ସାଲ ସରିଲା। ରଣଜିତ୍ ବାବୁ ଆସି ବଡ଼ଭାଇ ବୋଲି କହି ଅକ୍ଷୟ ବାବୁଙ୍କ ଗୋଡ଼ ଧରିଲେ।




କହିଲେ, କ୍ଷମା କରିବେ। ରିହର୍ସାଲର ନିର୍ଦ୍ଧାରିତ ସମୟରେ ନ ପହଞ୍ଚିଲେ ମୁଁ ମୋର ସ୍ଥିତି ଭୁଲିଯାଏ। ଆପଣ ବଡ଼ଭାଇ। ମୋର ଏ କଠୋରତା ପାଇଁ କ୍ଷମା ଚାହୁଁଛି। ଅକ୍ଷୟ ବାବୁ କହିଲେ, 'ରଣଜିତ୍! ତମେ ମୋର ଗୁରୁ। ତମର ଏ ନିଷ୍ଠା ଓ କର୍ତ୍ତବ୍ୟବୋଧ ପ୍ରତି ମୋର ସମ୍ମାନ ଅଛି।' ଏହିଭଳି ଅନେକ କଥା, ଅନେକ ସ୍ମୃତି, ଯାହା ମୋ' ଆଖିଦେଖା କଥା।

ଓଡ଼ିଶାର କୋଣ ଅନୁକୋଣରେ କିଏ ନ ଚିହ୍ନିଛି ତାଙ୍କୁ? ତାଙ୍କର ନାଟକ ଗାଁରୁ ସହରଯାଏଁ ସବୁଠି ମଞ୍ଚସ୍ଥ ହୋଇଛି। ଦର୍ଶକଙ୍କର ପ୍ରିୟପାତ୍ର ହେବାର ସୁଯୋଗ ପାଇବା। ସାଙ୍ଗକୁ ନାଟ୍ୟକଳାର ଉନ୍ନତି ପାଇଁ ଜୀବନ ଉତ୍ସର୍ଗ କରି ଅହରହ କାର୍ଯ୍ୟଲିପ୍ତ ଥିବାରୁ ନାଟ୍ୟପ୍ରେମୀ ତଥା ବୌଦ୍ଧିକ ସମାଜରେ ସେ ବେଶ୍ ସମ୍ମାନିତ ବ୍ୟକ୍ତିତ୍ୱ। ମାନବବୋଧର ଚରମ ନିଦର୍ଶନର ଚରିତ୍ର, ନାଟକୀୟ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାର ବୌଦ୍ଧିକ ପରିମାପ, ପ୍ରତିଷ୍ଠା ଓ ସମ୍ମାନର ଲୋଭରେ ଗରୀୟାନ ଚରିତ୍ରର ଚିତ୍ର, ଜୀବନ ଜଞ୍ଜାଳର ଆତ୍ମିକ ଅନୁଧ୍ୟାନର ରୂପ ପ୍ରଦାନ, ସରଳ ଭାଷାର ସଂକ୍ଷିପ୍ତତାରେ ହୃଦୟର ଗଭୀରତମ ଦୃଶ୍ୟକୁ ମାର୍ଜିତ ରୂପ ପ୍ରଦାନ କରିବା ସହିତ ଜ୍ୟାମିତିକ ଦୃଶ୍ୟସଜ୍ଜା, ବାସ୍ତବ ସାମାଜିକ ଜୀବନ ଭିତରୁ ଚରିତ୍ର ଉଦ୍ଧାର କରି ମଞ୍ଚରେ ସେ ସବୁର ଅବତାରଣା ଏବଂ ନାଟକକୁ ମାର୍ଜିତ ଶୃଙ୍ଖଳିତ ରୂପଦାନ କରିବାରେ ସିଦ୍ଧହସ୍ତ ଥିଲେ ରଣଜିତ୍ ପଟନାୟକ। ତାଙ୍କର ଅନେକ ନାଟକ ମଧ୍ୟରୁ ଟିଟୋ, ନଅଙ୍କ, ତଥାପି ପ୍ରତୀକ୍ଷା, ଇଚ୍ଛା ବନାମ ପଦ୍ମନାଭ, କାଣୀ ପିଉସୀ, ଶାମୁକା ସମାଧି, ଲୁହର ଦେବତା, ଭିନ୍ନ ଏକ ଶ୍ମଶାନ ସନ୍ଧାନରେ, ରୀନା ଏକ ନାରୀ, ଆଠ କାନ୍ଥର ଅମରାବତୀ, ସଇତାନର କବର ଉପରେ ମୁଁ ମଣିଷ, ବଧିର ଈଶ୍ୱର, ପଞ୍ଚୁପାଣ୍ଡବ, ତମ୍ବୁତଳର ମଣିଷ, ଚିରକାଳ ମିଦାସ, ଚୌକି, କଫି ହାଉସ୍, ହୁଏନ୍‌ସାଂଙ୍କ ଭାରତ ପରିଭ୍ରମଣ, ଶୁଣ୍ ଅବୋଲକରା କହୁଛି କଥା, ମୁକ୍ତି ଏକ ଭୁଲ୍ ଶବ୍ଦ, ଦସ୍ୟୁ ବାଲ୍ମୀକି, ମମିଙ୍କ ଠିକଣା, ରାତ୍ରିର ଇତିକଥା, ଫିକା ଆକାଶ, ନୟନ ପିତୁଳା, ହାରାକିରୀ, ଆରେ ବାୟା ସବୁ ମାୟା, ବେଦୁଇନ୍, ହାରିବା ଡେରିଅଛି, ଦାନବୀୟ, ମନ ତୋହାର ନିଜ ଗୁରୁ, ଗୁଣିଆଁ ଝାଡ଼େଲୋ ଡାହାଣୀ, ଗାଁ, ତିତ୍‌ଲି, ଗୋଇଠାବାବା, ହନୁମାନ ପଇସା ପ୍ରଭୃତି ନାଟକ ବହୁବାର ଅଭିନୀତ ହୋଇ ଜନମନକୁ ଆକୃଷ୍ଟ କରିଛି।

ନାଟକ ବ୍ୟତୀତ ତାଙ୍କର ଅନେକ ଗଳ୍ପ ଝଙ୍କାର ପ୍ରଭୃତି ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି। ଅନେକ କବିତାକୁ ନେଇ ନିଜର 'କବିତା ସଂକଳନ' ମଧ୍ୟ ସେ ପ୍ରକାଶ କରିଛନ୍ତି। ତାଙ୍କର ବାକ୍‌ଚାତୁରୀ, ବକ୍ତବ୍ୟ ଶୁଣିଲେ ଯେକୌଣସି ବ୍ୟକ୍ତି ଟିକେ ଅଟକିଯିବ। ସିନେମା ସିରିୟଲ କଥା ସମସ୍ତେ ଜାଣିଛନ୍ତି। ଅନେକ ଗୀତି-କବିତାର ସ୍ରଷ୍ଟା ସେ। ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣରେ ସମ୍ପ୍ରତି ସମାଜରେ ଘଟୁଥିବା ଏବଂ ଘଟି ଆସୁଥିବା ସମସ୍ୟାଗୁଡ଼ିକୁ ନାଟକୀୟ ଉତ୍କଣ୍ଠା ପ୍ରଦାନ କରି ଲୋକ ଚଳଣି ମାଧ୍ୟମରେ ଭିନ୍ନ ଶୈଳୀ, ଭିନ୍ନ ରୂପରେ ବିପ୍ଳବ ସୃଷ୍ଟି କରି ସମାଧାନର ପଥ ଦର୍ଶାଇ ଥିବାର ଚତୁରପଣ ସୃଷ୍ଟି କରିବାରେ ସେ ହେଲେ ଏକ ଅନନ୍ୟ ନାଟ୍ୟକାର। ସମାଜରେ ରହିଥିବା କଳଙ୍କରୂପୀ ପରମ୍ପରାକୁ ନିଜର ଉନ୍ନତ ରୁଚିର କଳା କୌଶଳ ପ୍ରଦର୍ଶନ କରି ଶିକ୍ଷା, ରାଜନୀତି ଏବଂ ଆଇନ ମଧ୍ୟରେ ମୁଣ୍ଡ ଟେକି ଉଠିଥିବା କୁସଂସ୍କାରକୁ ନିଜର ବୌଦ୍ଧିକ ଚିନ୍ତାଧାରା ମାଧ୍ୟମରେ ସଂସ୍କାରିତ କରି ମଞ୍ଚସଜ୍ଜାର ନୂତନ କୌଶଳ ପ୍ରଦର୍ଶନ କରିଛନ୍ତି ସେ ତାଙ୍କର ନାନା ନାଟକରେ।

ଏଭଳି ଜଣେ ବିରଳ ନାଟ୍ୟ-ବ୍ୟକ୍ତିତ୍ୱଙ୍କୁ ଓଡ଼ିଶା ଆଜି ହରେଇଛି। ତାଙ୍କ ସ୍ଥାନ କେହି ବି ପୂରଣ କରିପାରିବେ ନାହିଁ। ସବୁଠି, ସବୁ ମଞ୍ଚରେ, ସବୁ ସହରରେ ସେ ଛାଡ଼ି ଯାଇଛନ୍ତି ତାଙ୍କ ସ୍ମୃତିର ସ୍ୱାକ୍ଷର।

ମୋ: ୯୪୩୭୯୪୨୨୩୪

## କବିତା

### ସମୟ ବଦଳିଛି

**ଝରଣା ବରେନ୍ଦ୍ର ଦାସ**

ଝିଅପିଲା ସଣ୍ଡଣା ଶିଖୁ
ଘରକରଣା ବାହାନାରେ
କେତେ ଦିନ ଆଉ
ହାତରେ ଚୁଡ଼ି ପାଉଁଜି
ଗୋଡ଼ରେ ତା'ର ପିନ୍ଧାଉଥିବ ବେଡ଼ି ?
ଆଦର୍ଶର ଦ୍ୱାହି ଦେଇ
କେତେ ଦିନ ଆଉ
ତା' ସ୍ୱପ୍ନର ପୃଥିବୀରୁ
ଅପହଞ୍ଚ ରଖିବ ତାକୁ
ଶୃଙ୍ଖଳାର ଚାବୁକ ମାରି ॥

ଫରକ ବାରି ପୁଅଝିଅରେ
କେତେ ଦିନ ଆଉ
ପେଟ ଭିତରେ ଓ ବାହାରେ
କରୁଥିବ ହତ୍ୟା ଝିଅଟିଏ ବୋଲି ?
ନାହିଁ ନାହିଁରେ ହଜୁଥିବ
ବାଲ୍ୟକାଳରେ ଲୋଡ଼ା ତା'ର
କେତେ ଚିଜ !
ତୁମ ଛଳନାର ଚକ୍ରବ୍ୟୂହରେ
ରାହୁଗ୍ରସ୍ତ ହେଉଥିବ ତା' ଶୈଶବ ?

ସ୍ୱାମୀର ଦୀର୍ଘ ଜୀବନ କାମନା
ସନ୍ତାନଙ୍କ ମଙ୍ଗଳ ଯାଚନା
ଓ ତୁମ ସଂସାରର ପୂର୍ଣ୍ଣତା ପାଇଁ
ପ୍ରାର୍ଥନାରେ କେତେ ଦିନ
ପବନ ଘେରରେ ସେ ଜଳୁଥିବା
ସଳିତା ପରି।
ଏବେ ସମୟ ବଦଳିଛି
ତା' ହାତର କଙ୍କଣ ଏଥର
ଧନ୍ୟକରୁ ତା' ଜୀବନ
ମୁକୁଳା ପବନ ଭଳି
ମୁକୁଳେଇ ଦିଅ ତାକୁ
ରକ୍ଷଣଶୀଳତାର
ଅକ୍ଟୋପାସୀ ପଞ୍ଝାରୁ।
ଖୋଲିଦିଅ ତା' ପାଦର ବେଡ଼ି ॥
ସୃଜନଶୀଳତାର କାଉଁରି ସ୍ପର୍ଶରେ
ଅମୃତମୟ କରି ଗଢ଼ିବାକୁ ଦିଅ
ତାକୁ ଏ ସୁନ୍ଦର ପୃଥିବୀ।

ମୋ: ୮୩୪୨୮୫୬୦୦୧

### ଯୋଡ଼ିଏ କାବ୍ୟାଞ୍ଜଳି

**ରାଜେଶ ପୂଜାରୀ**

**୧. ଖୋଲାକେଶ**

ତୁମ ଖୋଲାକେଶ ଏକ ଛବିଳ ସମୟ
ପବନରେ ନୃତ୍ୟରତ ଲହରି ପରାୟ,
ଅକାତ କାତ ମୋହର ଅମୁହାଁ ଭଉଁରି
ଡଙ୍ଗା ପାଏନାହିଁ କୂଳ ବୁଡ଼ଇ ନାଉରୀ।

ନିର୍ଜନ ରାତ୍ରି ରଙ୍ଗର ସଡ଼କର ଭ୍ରମ
ନିତମ୍ବ ବିସ୍ତାରି ତା'ର ଅବଲୀଳା କ୍ରମ,
ଆଶାର ଦୁଆରେ ସେହୁ ମୁକ୍ତ ପୂଜାଥାଳି,
ସନ୍ତର୍ପଣେ ଖସିଥିବା ଲାଜର କାଞ୍ଚୁଲି।

ତୁମ ଖୋଲାକେଶ ଏକ ସଫଳ କବିତା
କେବେ ଅସରନ୍ତି ଗପ କେବେ ନୀରବତା,
କେବେ ଆଣିଛି ଶ୍ରାବଣ କେବେ ତ ଫଗୁଣ
ଖୋଲା କବରୀରେ ସଖୀ ଖୋଜେ ମୁଁ ନିର୍ବାଣ।
ମୁଗ୍ଧ ସ୍ୱାଗତ ତୋରଣ ମହକର ଦେଶ,
ନିରୀହ ବିଶ୍ୱାସ ସେହୁ ତଟିନୀର ଶୋଷ।

**୨. ମିଛ**

ମିଛ ସେ କବିତା ସବୁ, ମିଛ ଯେତେ ଗପ
ଲାଜେଇ ନିଦନଈର ଅନିଦ୍ରା ଆଳାପ,
ମନଗଢ଼ା ସେ ପୃଥିବୀ ପଥ ସ୍ୱର୍ଣ୍ଣାକାଶ
ଚୁମ୍ବକୀୟ ସେ ପୁଲକ ସ୍ୱତଃ ଭାବୋଚ୍ଛ୍ୱାସ !
କଳ୍ପନା ସେ କାଦମ୍ବିନୀ ହସର ଫୁଆରା
କଥାକୁହା ସ୍ୱପ୍ନମାଛ ସାଥେ ସୂର୍ଯ୍ୟ ତାରା,
କୁସୁମ ଉଦ୍ୟାନ ସେହୁ ମାୟାର ଉଖଳ
ଲୋଭନୀୟ ଦୃଶ୍ୟରାଜି କଳଙ୍କ କଜ୍ଜଳ।
ମିଛ ଦିଗନ୍ତ ପ୍ରସାରି ପ୍ରତୀକ୍ଷାର ଗୀତ
ଅଦିନେ କୋକିଳ ସ୍ୱନ ମୋହନ ମରୁତ,
କୃତ୍ରିମ ସେ ଉପହାର ମୁଗ୍ଧ ମଧୁବନ
ଗଣିଗଣି ସାଇତିଲା ମଧୁର ସ୍ପନ୍ଦନ।
ମିଛ ସେ ରାଣ ନିୟମ ମିଛ ମୋର ପ୍ରେମ
ଅନୁପମା ସ୍ୱ-କଳ୍ପିତ ଏକ ମନୋଭ୍ରମ।

ମୋ: ୮୧୪୪୭୭୯୦୬୧

### ଗୀତି-କବିତା

### ଆମ ଗାଁ ତମ ଗାଁ

**ଜ୍ୟୋତ୍ସ୍ନାରାଣୀ ପଣ୍ଡା**

ଆମ ଗାଁରେ ଫୁଟିଲେ ମଲ୍ଲୀ
ତମ ଗାଁକୁ ବାସେ
ତମ ଗାଁର ଆକାଶଦୀପ
ଆମ ଗାଁକୁ ଦିଶେ।

ଆମ ଗାଁ ଝିଅ ତମ ଗାଁ ବୋହୂ
ତମ ଗାଁ ପୁଅ ଆମ ଗାଁ ଜ୍ୱାଇଁ
ତମ ଗାଁରେ ପଦ୍ମଁଅ ଫୁଟେ
ଆମ ଗାଁରେ କଇଁ।

ଭୋଦ ଶ୍ରାବଣେ ଉଛୁଳେ ଯେବେ
ଆମ ଗାଁର ନଈ
ତମ ଗାଁର ନାଉରିଆଟି
ନଉକା ନିଏ ବାହି।

ଆମ ଗାଁର ବିଲହୁଡ଼ାରେ
ବିଲୁଆ ହୁକେ ହୋ
ତମ ଗାଁର ବଳିଆ କୁକୁର
ଭୁକଇ ଭୋ, ଭୋ।

ଆମ ଗାଁରେ ଧାନର କ୍ଷେତ
ତମ ଗାଁ ମୁଗ, ବିରି
ତମ ଗାଁର ଖଜା, କାକରା
ଆମ ଗାଁର ଖିରି।

ଆମ ଗାଁରେ ନିଶାପ ହେଲେ
ତମ ଗାଁ ଲୋକ ସାକ୍ଷୀ
ତମ ଗାଁ ଝିଅ ଆମ ଗାଁ ପୁଅ
ହାତରେ ବାନ୍ଧେ ରାକ୍ଷୀ।

ମୋ: ୯୩୩୭୬୨୨୦୯୮

## ପୁସ୍ତକ ପରିଚୟ

### ହରିବୋଲିଆ




**ଲେଖିକା:** ଝରଣା ପଟ୍ଟନାୟକ
**ପ୍ରକାଶକ:** ଅପୂର୍ବା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୦୦/

'ହରିବୋଲିଆ' ୨୦୦ ପୃଷ୍ଠାର ଏକ ଉପନ୍ୟାସ, ଯାହା ଲେଖିକାଙ୍କ ମୌଳିକ ଅନୁଭବ ଓ ଜୀବନ ଦୃଷ୍ଟିରେ ଉଦ୍ଦୀପିତ। ଲେଖିକା କହନ୍ତି: "ଆଖି ଆଗକୁ ଯାହା ଆସେ, ଯାହା ସମୟକ୍ରମେ ସ୍ପଷ୍ଟ ହୋଇ ସ୍ରଷ୍ଟାର ମନକୁ ଆଚ୍ଛାଦିତ କରେ, ତାହା ତା' ପାଇଁ ସତ୍ୟ ପାଲଟେ। ତାକୁ ନେଇ ମୁଁ କଲମ ଚଳାଏ।" ହରିବୋଲିଆ ଗୋଟିଏ ହତଭାଗା ମଣିଷ, ଯାହାର ଜୀବନ ବ୍ୟଥା ଆଉ କୁହାନାଳରେ ବିତିଛି, ବିଶେଷକରି ତା'ର ଶୈଶବରେ। ଏହି ଚରିତ୍ରର ବିଶେଷତ୍ୱ ହେଉଛି ଥିବାରେ ତା'ର ଆନନ୍ଦ ନ ଥାଏ କି ନ ଥିବା ପାଇଁ ଶୋଚନା ନ ଥାଏ। ତଥାପି ଜୀବନରେ ତା'ର ବାଟଚଲା ଅଟକି ଯାଏ ନାହିଁ। ସେ ଆଗକୁ ଆଗକୁ ବଢ଼େ। ଯେକୌଣସି ପ୍ରତିକୂଳ ସ୍ଥିତିରେ ଜୀବନର ଗତିଶୀଳତା ବଜାୟ ରଖିବା ହେଉଛି ପ୍ରକୃତ ମଣିଷର ପରିଚୟ। ବହିଟିରେ ଯେଉଁସବୁ ଚରିତ୍ରର ଅବତାରଣା ଲେଖିକା କରିଛନ୍ତି, ସେ ତଟିନୀ ଦେବୀ ହୁଅନ୍ତୁ କି ହୁଅନ୍ତୁ ମଠର ମାତାଜୀ, ହୁଅନ୍ତୁ ମାଧବ ପ୍ରଭୁ କି ହୁଅନ୍ତୁ ମନି ବେହେରା, ପ୍ରତ୍ୟେକଟି ଚରିତ୍ର ମୂଳ ଚରିତ୍ରକୁ ଉତ୍ତରିତ କରିବାରେ ଯତ୍ନଶୀଳ। ଉପନ୍ୟାସର ଭାଷା ସରଳ, କଥନଧର୍ମୀ ଓ ସାଦାସାଦା ବାକ୍ୟରେ ଅନ୍ତରର ଗହନିମାକୁ ଛୁଇଁଯିବାର ଉତ୍ତାପରେ ଉଷ୍ମ। ଆଶା, ଉପନ୍ୟାସଟି ପାଠକୀୟ ଆଦୃତି ଲାଭ କରିବ।

### ଅରବିନ୍ଦାୟନ




**ସଂପାଦନା:** ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ
ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ
**ପ୍ରକାଶକ:** ଅନନ୍ୟ ପ୍ରକାଶନ, କଟକ-୪
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୮୦/-

ଆଲୋଚ୍ୟ ଗ୍ରନ୍ଥର ପ୍ରଚ୍ଛଦଲେଖରେ କୁହାଯାଇଛି: "ଡକ୍ଟର ପଟ୍ଟନାୟକଙ୍କ ରଚିତ ପୁସ୍ତକଗୁଡ଼ିକରେ ପ୍ରକାଶିତ ମୁଖବନ୍ଧ, ଅଭିମତ, ଲେଖକୀୟ ଅଭିବ୍ୟକ୍ତି ଏବଂ ପୁସ୍ତକର ସମୀକ୍ଷା, ଆଲୋଚନା ସହ ଦୀର୍ଘ ସାକ୍ଷାତ୍‌କାରକୁ ନେଇ 'ଅରବିନ୍ଦାୟନ' ସମୃଦ୍ଧ।" ବହିଟିରେ ମୋଟ ୪୦ ଜଣ ଲେଖିକା ଲେଖକଙ୍କର ଆଲୋଚନା ସ୍ଥାନିତ, ଯହିଁରେ ଡ. ପଟ୍ଟନାୟକଙ୍କ ସାରସ୍ୱତ କୃତି ତଥା ବ୍ୟକ୍ତିତ୍ୱର ପ୍ରତିଫଳନ ଘଟିଛି। ପ୍ରାରମ୍ଭରେ ସଂପାଦକଦ୍ୱୟ ଲେଖିଛନ୍ତି: "ଏକାଦଶ ଶ୍ରେଣୀ ଛାତ୍ରଭାବେ 'ସେ ପଥର ପଦଚିହ୍ନ' ପୁସ୍ତକ ସଂପାଦନା କରି ସେ ଯେଉଁ ସାରସ୍ୱତ ଯାତ୍ରା ପଥରେ ପାଦ ଥାପିଥିଲେ, ତାହା ଥିଲା ସୁଦୀର୍ଘ। ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା କାଳିନ୍ଦୀଚରଣ ପାଣିଗ୍ରାହୀ ସେହି ସଂକଳନରେ ଶୁଭେଚ୍ଛା ଜଣାଇବା ଅବସରରେ 'ସାହିତ୍ୟ ସାଧନା ଜୟଯୁକ୍ତ ହେଉ' ବୋଲି ଯେଉଁ ଆଶୀର୍ବଚନ ପ୍ରଦାନ କରିଥିଲେ, ତାହା ଡକ୍ଟର ପଟ୍ଟନାୟକଙ୍କ ଜୀବନକୁ ମନ୍ଦ୍ରିତ କରିଛି।" ଲେଖକ ଡ. ପଟ୍ଟନାୟକ ଓଡ଼ିଆ ଲୋକସାହିତ୍ୟର ଜଣେ ପଥଦ୍ରଷ୍ଟା ଗବେଷକ। 'ଦିନଯାଏ, ଦିନଆସେ' ତାଙ୍କର ଆତ୍ମଜୀବନୀ, ଯାହା ଓଡ଼ିଆ ଭାଷାରେ ରଚିତ 'ଆତ୍ମଜୀବନୀ' ସାରଣୀରେ ନିଜର ସ୍ୱତନ୍ତ୍ର ପରିଚୟ ନେଇ ଆଲୋକିତ। ଲେଖକଙ୍କ ସମ୍ପର୍କରେ ଚର୍ଚ୍ଚା ବ୍ୟତୀତ 'ମୁଁ କାହିଁକି ଲେଖେ ?' ଭଳି ଆତ୍ମ ସ୍ୱୀକାରୋକ୍ତିମୂଳକ ସୃଜନ-ଦଲିଲ ବହିଟିରେ ସ୍ଥାନିତ। ତା'ଛଡ଼ା ତାଙ୍କ ସହ ହୋଇଥିବା ସାକ୍ଷାତ୍‌କାର ବହିଟିକୁ ଅରବିନ୍ଦଙ୍କ ଜୀବନର ସୌନ୍ଦର୍ଯ୍ୟ ଓ ସୌରଭ ବିକିରଣରେ ମାଧୁର୍ଯ୍ୟମୟ କରିଛି।

## ବୁଢ଼ାବୁଢ଼ୀ

**ମାୟାଧର ସାହୁ**

**ମିନି ଗଳ୍ପ**



ବୁଢ଼ାଟିଏ ଥିଲା, ବୁଢ଼ୀଟିଏ ଥିଲା। ଘରେ ତାଙ୍କର ଆଉ କେହି ନ ଥିଲେ। କର୍ମ ଆଦରି ଦୁହେଁ ଟୁଆଁଟୁଇଁ ପରି ରହିଥା'ନ୍ତି।

ଦିନେ ସକାଳେ କୌଣସି କାରଣରୁ ଦି'ଜଣଙ୍କ ମଧ୍ୟରେ ଝଗଡ଼ା ଲାଗିଲା। ପରସ୍ପର ଉପରେ ଦୁହେଁ ଫଁ ଫଁ ହେଉଥାଆନ୍ତି। ଉଭୟଙ୍କ ଭିତରେ ଶେଷରେ କଥାବାର୍ତ୍ତା ବି ବନ୍ଦ ହୋଇଗଲା। ବୁଢ଼ା ତା' ବାଟରେ, ବୁଢ଼ୀ ତା' ବାଟରେ।

ଠିକ୍ ଦି'ପହର ବେଳକୁ ବୁଢ଼ାକୁ ଭୋକ ଲାଗିଲା। ଗଡ଼ୁରେ ଖାଲି ଏକଡ଼ ସେକଡ଼ ହେଲା ସିନା ବୁଢ଼ା କିନ୍ତୁ ଖାଇବାର ଯୋଗାଡ଼ କରିପାରିଲା ନାହିଁ। ତେଣୁ ପାଟିକରି କହିଲା, 'ମତେ ଭାରି ଭୋକ ହେଲାଣି। କିଏ ଜଣେ ମତେ ଖାଇବାକୁ ବାଢ଼ି ଦିଅନ୍ତାକି!' କିଛି ସମୟ ପରେ ବୁଢ଼ୀର କଣ୍ଠସ୍ୱର ଶୁଭିଲା, 'ଭାତ ଡାଲି ଭଜା ସବୁ ବାଢ଼ିକି ପିଣ୍ଡାରେ ରଖି ସାରିଲିଣି। କିଏ ଜଣେ ବସି ଖାଇଦିଅନ୍ତା କି।'

ସୁନା ପିଲାଟିଏ ପରି ଉଠିପଡ଼ି ବୁଢ଼ା ଖାଇବା ବଢ଼ା ହୋଇଥିବା ଜାଗାରେ ବସିପଡ଼ି ଖାଇବାକୁ ଲାଗିଲା। ଦେଖିଲାବେଳକୁ ଡାଲି ଅଲଣା ଆଉ ଭଜା ଲୁଣିଆ ଲାଗୁଛି। ବୁଢ଼ା କହିଲା, 'ଭଜା ଲୁଣିଆ ଯେ ତାକୁ ଖାଇହେବ ନାହିଁ। ଏଣେ ଡାଲି ବି ଅଲଣା ହୋଇଛି। ଲୁଣ ଟିକିଏ କିଏ ଦିଅନ୍ତାକି ଡାଲିରେ ପକେଇବାକୁ।' ବୁଢ଼ୀ ତତ୍‌କ୍ଷଣାତ୍ ଲୁଣ କାଠୁଆଟା ନେଇ ପିଣ୍ଡାରେ ଠପ୍ କରି ଥୋଇଦେଲା। କହିଲା, 'ଖାଇବା ଜାଗାରେ କାଠୁଆରେ ଲୁଣ ଥୁଆ ହେଇଚି। ଯାହାର ଦରକାର ସେ ଲୁଣ ନେଉନାହିଁ କାହିଁକି?'

ବୁଢ଼ା ଲୁଣ ଟିକିଏ ନେଇ ଡାଲିରେ ପକେଇଲା। ବାଁ ହାତରୁ ଲୁଣ ଝାଡ଼ିଦେଇ ଚଟ୍‌କରି ବୁଢ଼ୀର ହାତକୁ ଧରି ପକେଇଲା। ତା' ମୁହଁକୁ ଅନେଇ ନିମ୍ନ କଣ୍ଠରେ ଥଙ୍ଗେଇ ଥଙ୍ଗେଇ କହିଲା, 'ଆରେ ପାଗଳୀ, ଜାଣିଶୁଣି ତୁ ଲୁଣ ପକେଇବାରେ ଗଡ଼ବଡ଼ କରିଛୁନା? ହଉ ଯା, ତୋ' ଖାଇବାଟା ଏଠିକି ନେଇଆ, ଏକାସାଙ୍ଗରେ ବସି ଖାଇବା।'

ବୁଢ଼ୀ ଅନୂଢ଼ା କିଶୋରୀ କନ୍ୟାଟିଏ ପରି ଲାଜ ସରସର ହୋଇ ଝାଳନାଳ ହୋଇଗଲା। ବୁଢ଼ାର ହାତରୁ ନିଜ ହାତକୁ ଛଡ଼େଇବାକୁ ଚେଷ୍ଟା କରୁକରୁ କହିଲା, 'ବୁଢ଼ା ହେଲଣି, ଏମିତି ଟୋକା ଟାହିଆଙ୍କ ପରି ହେଉଛ କ'ଣ ମ? ମୋ' ହାତ ଛାଡ଼ିଲେ ସିନା ମୁଁ ଯାଇ ମୋ' ଖାଇବାଟା ଏଠିକି ଆଣିବି।'

କୌଣସି ପ୍ରକାରେ ହାତ ଛଡ଼େଇ ନେଇ ନିଜ ଲାଜୁଆ ମୁହଁକୁ ଢଙ୍କେଇବା ଲାଗି ଓଢ଼ଣୀକୁ କାନ ତଳଯାଏ ଟାଣିଦେଇ ହାଣ୍ଡିଶାଳ ଆଡ଼େ ଚାଲିଗଲା ବୁଢ଼ୀ।

ମୋ: ୮୩୩୨୯୮୩୨୫୩

## କାଳକାଳକୁ



"ପ୍ରକୃତିଠୁଁ ବଳି ପ୍ରସଂଗ ଆଉ ନାହିଁ, ଯାହା କବିତାକୁ ଅଧିକ ପ୍ରଶସ୍ତ, ରୋମାଞ୍ଚକର, ଆବେଗଦୀପ୍ତ ଓ ଦର୍ଶନପୁଷ୍ଟ କରିବ।"

– ଜେମ୍‌ସ ଥମ୍‌ସନ୍

**ଜେମ୍‌ସ ଥମ୍‌ସନ୍‌ଙ୍କ** ଜନ୍ମ ୧୧ ସେପ୍ଟେମ୍ବର ୧୭୦୦ ମସିହାରେ, ସ୍କଟ୍‌ଲାଣ୍ଡରେ ଓ ପରଲୋକ ୨୭ ଅଗଷ୍ଟ ୧୭୪୮ରେ ଇଂଲଣ୍ଡରେ, ମାତ୍ର ୪୭ ବର୍ଷ ବୟସରେ। ସେ ଏକାଧାରରେ କବି ଓ ନାଟ୍ୟକାର। ତାଙ୍କର ଚର୍ଚ୍ଚିତ କବିତା ମଧ୍ୟରେ ରହିଛି 'The Castle of Indolence' ଏବଂ 'The Seasons'. ଗୀତିକବିତା ମଧ୍ୟରେ ଲୋକପ୍ରିୟ 'Rule, Britannia'. ଥମ୍‌ସନ୍‌ଙ୍କ କବିତାର ସୌନ୍ଦର୍ଯ୍ୟ ଓ ଗରିମା ତାଙ୍କ କାବ୍ୟଭାଷାରେ ହିଁ ନିହିତ ଥାଏ, ଯାହା ମୁଖ୍ୟତଃ ଜନଜୀବନର ଭାଷା। ଆଉ ଏଥିରେ ଥାଏ ଆଞ୍ଚଳିକତାର ତାଜା ସ୍ୱାଦ।

## ଏଇଠି ସ୍ୱର୍ଗ, ଏଇଠି ନର୍କ

**ଶକ୍ତିପ୍ରଦା ମହାପାତ୍ର**

**ଲଘୁ ଗଳ୍ପ**

କ'ଣ ଦିଇଟା ନାକରେ କାନରେ ପୂରେଇ ଦେଇ ତରତର ହୋଇ ଅଫିସ ବାହାରିଯାଆନ୍ତି ଶଶିକାନ୍ତ ବାବୁ। ମୁହଁ ହାତ ପୋଛିବାକୁ ବେଳ ନ ଥାଏ ତାଙ୍କୁ। ଶଶିକାନ୍ତ ବାବୁ ଅଫିସ ବାହାରି ସାରିବା ପରେ ଯାଇ ନିଶାମଣି (ଶଶିକାନ୍ତ ବାବୁଙ୍କ ମାଆ) ଅଣ୍ଟା ସଳଖ କରନ୍ତି! ପିଣ୍ଡା ଉପରେ ସେମିତି ଠିଆ ହୋଇ ଚାହିଁ ରହିଥା'ନ୍ତି ପୁଅ ତାଙ୍କ ଆଖିରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ, ଆଉ ସେଇ କାମ ଭିତରେ ବି ଦିଅଁଦେବତାଙ୍କୁ ଡାକିଡାକି ପୁଅର ଫେରିବା ବାଟକୁ ସେମିତି ଚାହିଁ ରହିଥା'ନ୍ତି। ସତୁରି ବାସ୍ତରି ବର୍ଷ ବୟସରେ ଆଉ କେତେ ବଳ କାଢ଼ିବେ ଯେ! ସିଏ ଥାଉଥାଉ ପୁଅ ତାଙ୍କର ଉପାସରେ ଅଫିସ ଯିବ, ନା ସେମିତି କେବେ ବି ହେବନି। ମଲା ବାସି କ'ଣ ମୁଁ ଦେଖିଆସିବି କି ପୁଅ ଖାଇଲା କି ନାହିଁ? ଏମିତି ଭାବନା ଭିତରେ ଗୁଡ଼େଇ ତୁଡ଼େଇ ଅଣନିଃଶ୍ୱାସୀ ହୋଇପଡ଼ିଲାବେଳକୁ ସନ୍ତୋଷୀ ଦେବୀଙ୍କ କଅଁଳ ସ୍ୱର ଶୁଣାଗଲା, ବୋଉ ମୋତେ ଏଇଠି ତାଙ୍କ ପତ୍ରରେ ବାଢ଼ିଦିଅନ୍ତୁ। ହଁରେ ମାଆ କହି ଖାଇବା ବାଢ଼ିଦିଅନ୍ତି ଗରମ ଗରମ ଭାତ ଡାଲି ତରକାରି ଭଜା, ଯୋଉଦିନ ଯାହା ହୋଇଥାଏ।

ଅଣ୍ଟାରେ ହାତ ଦେଇଦେଇ ଚଲାବୁଲା କରନ୍ତି ନିଶାମଣି ଦେବୀ। ଭାରି କଷ୍ଟ ଅନୁଭବ କରନ୍ତି ଅଣ୍ଟାରେ, ଆଣ୍ଠୁରେ। ଏଇ ବୟସରେ କାମ କରିକରି ପୂରା ଶରୀରଟା ପୀଡ଼ା ଲାଗୁଥାଏ, ଯୋଉ ଜାଗା ଛୁଇଁଲେ ସେ ଜାଗା ଦରଜ। ହେଲେ ମୁହଁ ଫିଟାଇ କେବେ କହନ୍ତିନି ନିଶାମଣି ଦେବୀ ଗୋଡ଼ ହାତରେ ହାତ ମାରିଦେବାକୁ। ଦେହ ମୁଣ୍ଡ ଯାହା ବି ହେଉ ବାକି ପାଇଟି କିଏ ବା କରିବ! ସେସବୁ ସାରି ଗାଧେଇବାକୁ ଯାଆନ୍ତି। ଗାଧେଇ ପୂଜା ସାରି ବୋହୂ ଯୋଡ଼େ ଭାତ ବାଢ଼ିଦେ ବୋଲି ଅନେଇଲାବେଳକୁ ବୋହୂ ପଲଙ୍କରେ ନିଦ୍ରାଦେବୀଙ୍କ କୋଳରେ! ନିତିଦିନିଆ କଥା, କାହାକୁ ବା କହିବେ? ଭାଗ୍ୟକୁ ଆଦରି ନୀରବ ରୁହନ୍ତି। ଅନ୍ୟ ଶାଶୁଙ୍କ ଭଳି ବୋହୂ ସାଙ୍ଗେ କଳିଝଗଡ଼ା କରିବା, ଅଶାନ୍ତି ହେବା, ମୁହଁ ଫଣଫଣ କରିବା, ସେମିତି କିଛି କରିବାକୁ ଭଲ ପାଆନ୍ତିନି ନିଶାମଣି ଦେବୀ। ନିଜେ ନିଜେ ହାତରେ ବାଢ଼ି ଖାଆନ୍ତି, ଅଇଁଠା ଉଠାନ୍ତି, ପାଖରେ କେହି ନଥାନ୍ତି ମନବୁଝି ବଳେଇ ବଳେଇ ଖାଇବା ଦେବାପାଇଁ। ଖାଇବା ପିଇବା ଠିକ୍ ନଥିବା ଯୋଗୁ, ଅତ୍ୟଧିକ ପରିଶ୍ରମ ଆଉ ମନର ପୀଡ଼ାକୁ ମନ ଭିତରେ ଚାପି କୋଥି କୋହରି ହୋଇ ମଝିରେ ମଝିରେ ଜ୍ୱରହୁଏ, ସେ ଜ୍ୱର ଆଉ ଛାଡ଼ିବାର ନାଁ ନିଏ ନାହିଁ। ଦିନକୁଦିନ କଷ୍ଟ ଯନ୍ତ୍ରଣା ବଢ଼ିବଢ଼ି ଚାଲେ। ପାଟିରେ ମାଛି ପଶିଗଲେ ବି ଚେତା ପଶେନି। ସଂଜ୍ଞାହୀନ ଅବସ୍ଥାରେ ଖଟିଆଟିରେ ପଡ଼ିରହିଥାନ୍ତି ସେମିତି। ନିତ୍ୟକର୍ମ ସବୁ ସେଇ ଖଟିଆ ଉପରେ। ବୋହୂ ସନ୍ତୋଷୀ ଶାଶୁଙ୍କର ଛାଇ ସୁଦ୍ଧା ମାଡ଼ିବାକୁ ପସନ୍ଦ କରନ୍ତିନି, ସେବାଯତ୍ନ ତ ଦୂରର କଥା! ଯୋଉ ଶାଶୁ ବୋହୂକୁ ନିଜ ଝିଅଠୁ ବି ଅଧିକ ସ୍ନେହ ଆଦର କରୁଥିଲେ, ସେପରି ଶାଶୁର ଆଜି...!

ପୁଅ ଶଶିକାନ୍ତ ଅଫିସରୁ ଆସି ମାଆର ନିତ୍ୟକର୍ମ ସହିତ ସେବାଶୁଶ୍ରୂଷା, ଔଷଧପତ୍ର, ସ୍ନେହ ଆଦର ପାରୁପର୍ଯ୍ୟନ୍ତ କରୁଥିଲେ। ନିଶାମଣି ଦେବୀ କିନ୍ତୁ ପୁଅର ଦୁଃଖ ଆଖିରେ ଦେଖି ପାରୁ ନ ଥିଲେ। କଥା କହି ପାରୁ ନ ଥିଲେ ସିନା, ଅନବରତ ଦୁଇ ଆଖିରୁ ଲୁହ ଧାର ବୋହି ଯାଉଥିଲା। ବେଶୀଦିନ ଆଉ ପୁଅକୁ ହଇରାଣ ନ କରି ଆରପାରିକୁ ଚାଲିଗଲେ ନିଶାମଣି ଦେବୀ। ଉଶ୍ୱାସ ହୋଇଗଲେ ବୋହୂ ସନ୍ତୋଷୀ।



ଏଡ଼େ ବଡ଼ ଘର, ବଡ଼ ଗାଡ଼ି, ବ୍ୟାଙ୍କ ବାଲାନ୍ସ ସବୁ ଉଇ ଖାଉଛି। ସ୍ୱାମୀ ଶଶିକାନ୍ତ ବାବୁ ଆରପାରିରେ, ପୁଅ ବୋହୂ ଆମେରିକାରେ, ମଝିଆ ପୁଅ ବୋହୂ ଉପର ମହଲାରେ, ତଳକୁ ଯେତେବେଳେ ଓହ୍ଲାନ୍ତି କାମରେ, ପାଖ ମାଡୁନାହାନ୍ତି ମାଆର! ଦୁର୍ଗନ୍ଧରେ ଘର ଫାଟିପଡୁଛି! ଝିଅ କେବେ କେମିତି କୁଣିଆ ପରି ଆସେ ଯାଏ!

ଆଖପାଖରେ ଆଜି କେହି କୁଆଡ଼େ ନାହାନ୍ତି। ଆଖିରେ ଧାରାଶ୍ରାବଣ...!

ସନ୍ତୋଷୀ ଦେବୀ କିନ୍ତୁ ବିଛଣାରେ ପଡ଼ିପଡ଼ି ଶାଶୁ ନିଶାମଣି ଦେବୀଙ୍କର ସ୍ନେହବୋଳା ହାତର ସ୍ପର୍ଶ ଅନୁଭବ କରୁଥିଲେ...।

ମୋ: ୭୯୭୮୩୫୦୫୪୪

## ସଂକ୍ଷେପରେ

### ମହୁଲ ଫୁଲ ବୋଝେଇ ପିକ୍‌ଅପ୍ ଜବତ: ଦୁଇ ଗିରଫ

ଖପ୍ରାଖୋଲ,୨୬।୮(ଡି.ଏନ.ଏ.): ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ ନାଗେନମାଳ ଗାଁରେ ଚଢ଼ାଉ କରାଯାଇ ମହୁଲ ଫୁଲ ବୋଝଇ ଏକ ବୋଲେରୋ ପିକ୍‌ଅପ୍ ଜବତ କରାଯାଇଛି। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ବେଆଇନ ମହୁଲ ଫୁଲ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ କର୍ମଚାରୀ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ଚୋରାଚାଲାଣରେ ବ୍ୟବହୃତ ଗାଡି (ନଂଓଡି୧୭ଏଚ ୯୮୮୬)ରୁ ୧୫ କୁଇଣ୍ଟାଲ ମହୁଲ ଜବତ ହୋଇଛି। ଏହା ଚାଲାଣ କରୁଥିବା ଅଭିଯୋଗରେ ବରଗଡ଼ ଜିଲା ବୁଡେନ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଅଭି ରଣା ଓ ଦହିତା ଗ୍ରାମର ନରେନ୍ଦ୍ର ମେହେରଙ୍କୁ ଗିରଫ କରାଯାଇଥିବା ପାଟଣାଗଡ ଅବକାରୀ ଥାନା ଅଧିକାରୀ ସତ୍ୟନାରାୟଣ ଦାସ ପ୍ରକାଶ କରିଛନ୍ତି। ଚଢ଼ାଉ ସମୟରେ ପାଟଣାଗଡ, କଣ୍ଟାବାଞ୍ଜି ଓ ଟିଟିଲାଗଡ ଅବକାରୀ ବିଭାଗ ଅଧିକାରୀ, କର୍ମଚାରୀ ସାମିଲ ଥିଲେ। ଏନେଇ ପାଟଣାଗଡ ଅବକାରୀ ଥାନା ପିଆର ନଂ ୯୪/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଜଣାଯାଇଛି।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର, ଜଣେ କୋର୍ଟ ଚାଲାଣ

ଜୁନାଗଡ,୨୬।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଏହି ଥାନା ଅଧୀନ ଏକ ଗ୍ରାମର ଜଣେ କଥା କହିପାରୁ ନ ଥିବା ଓ ଶୁଣିପାରୁ ନ ଥିବା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୩୫୯/୨୨) ରୁଜୁ କରିଛି। ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଉକ୍ତ ଗ୍ରାମର କ୍ଷେତ୍ରୀ ରଞ୍ଜନ ମଲ୍ଲିକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଯୁବକଙ୍କ ନାମରେ ଆଇପିସି ଧାରା ୩୭୬ ଦଫା ଲାଗିଥିବା ପୋଲିସ ଠାରୁ ସୂଚନା ମିଳିଛି।

### ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଶୌଚାଳୟ ଉଦ୍‌ଘାଟିତ

ଖଡ଼ିଆଳ,୨୬।୮(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରୁଣା କୋଠାରେ ସର୍ବସାଧାରଣ ଶୌଚାଳୟ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଏନ୍‌ଏସି ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ମୁଖ୍ୟଅତିଥି ଭାବେ ଖଡ଼ିଆଳ ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ଶୌଚାଳୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କାଉନସିଲର ରାଜରାଣୀ ପଟ୍ଟନାୟକ ଏବଂ ସଚ୍ଛତା ଅଧିକାରୀ ରାଜୀବ ମିସ୍ତ୍ରୀ, ରିତେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହରର ମଧ ଭାଗରେ ଥିବାବେଳେ ତାର ପାର୍ଶ୍ୱରେ ଦୈନିକ ବଜାର ରହିଛି। ଫଳରେ ଏଠାରେ ବହୁତ ଗହଳି ରହୁଥିବା ବେଳେ ଏଠାରେ ଶୌଚାଳୟ ନ ଥିବାରୁ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ।

### ବିଦ୍ୟାଳୟ ଶୈକ୍ଷିକ ସାମଗ୍ରୀ ପ୍ରଦର୍ଶିତ

ନୂଆପଡ଼ା ଅଫିସ,୨୬।୮: ନୂଆପଡା ସଦର ସାଲେଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ଶୈକ୍ଷିକ ସାମଗ୍ରୀ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ଉଦ୍‌ଘାଟନ କରିଥିଲେ। ସହ ଗୋଷ୍ଠି ଶିକ୍ଷା ଅଧିକାରୀ ଉଜ୍ୱଳ ଅଗସ୍ତି, ଚୈତରାମ ନାଏକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନିରୋଦ ପାଢ଼ି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟତମ ଅତିଥି ଭାବେ ଆଞ୍ଚଳିକ ସଂଯୋଜକ ଅଶୋକ ଦୀପାମୟୀ ପାଢ଼ୀ, ଦେବୀଦୟାଲ ସାହୁ ଯୋଦେଇ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। ସଦର କ୍ଲଷ୍ଟରର ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଜେ ଶୈକ୍ଷିକ ସାମଗ୍ରୀ ପ୍ରସ୍ତୁତ କରି ବ୍ୟବହାର ଓ କୌଶଳ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଜିତେନ୍ଦ୍ର ଖମାରୀ ଆୟୋଜିତ ପ୍ରଦର୍ଶନୀର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଅନୀଲ ତାଣ୍ଡି ସହଯୋଗ କରିଥିବା ବେଳେ ଉତ୍କଳମଣି ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଦାସିଗାଁ ପଞ୍ଚାୟତରୁ ପାଇଲେ ପିଡିଏସ୍ ଚାଉଳ

■ ସିନ୍ଧିପଦର ପଞ୍ଚାୟତର ୪ ଗାଁର ହିତାଧିକାରୀ

■ ୫ ଜଣଙ୍କ ମୃତ୍ୟୁ ପରେ ଚେତିଲା ପ୍ରଶାସନ

ଭବାନୀପାଟଣା,୨୬।୮(ସ୍ୱ.ପ୍ର.)



ଥୁଆମୂଳ ରାମପୁର ବ୍ଲକର ୪ଟି ଗ୍ରାମର ଲୋକେ ପିଡିଏସ ଚାଉଳ ନେଉଛନ୍ତି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ୪ଟି ଗାଁର ରାଶନକାର୍ଡ ହିତାଧିକାରୀମାନେ ଶୁକ୍ରବାର ଜୁନାଗଡ଼ ବ୍ଲକ ଦାସିଗାଁ ପଞ୍ଚାୟତରୁ ପିଡିଏସ ଚାଉଳ ପାଇଛନ୍ତି। ଏହି ୪ଟି ଗ୍ରାମରେ ୫୫ଜଣ ରାଶନ କାର୍ଡ ଧାରିଥିବା ବେଳେ ଟଙ୍କିକିଆ ଚାଉଳ ପାଇଁ ସେମାନେ ୬୦ କି.ମି. ସିନ୍ଧିପଦର ପଞ୍ଚାୟତକୁ ଯାଇ ଜଣ ପିଛା ୫୦୦ରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଥିଲେ। ଶୁକ୍ରବାର ୫ କି.ମି. ଦାସିଗାଁରୁ ପିଡିଏସ୍ ଚାଉଳ ନେବା ପାଇଁ ପ୍ରଶାସନ ବ୍ୟବସ୍ଥା କରିବା ପରେ ୪ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ ଯେ, ଥୁଆମୂଳ ରାମପୁର ବ୍ଲକ ଜିଲାର ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ବ୍ଲକ ଅଧିବାସୀମାନେ ମୁଖ୍ୟତଃ ବଣଜଙ୍ଗଲ ମଧ୍ୟରେ ରହିଥାନ୍ତି। ବ୍ଲକର ସିନ୍ଧିପଦର ପଞ୍ଚାୟତ ବାର୍ଷିକୋଣା, ଗମ୍ଭାରୀଗୁଡା, ମୁଡ଼ିଚୁଆଁ, ବିରାଗୁଡ଼ା ଗ୍ରାମ ନିକଟରେ ଜୁନାଗଡ଼ ବ୍ଲକ ଦାସିଗାଁ ପଞ୍ଚାୟତ ରହିଛି। ଯଦି ଏହି ଗ୍ରାମର ଲୋକେ ନିଜ ବ୍ଲକ ସିନ୍ଧିପଦର ପଞ୍ଚାୟତକୁ ଯିବାକୁ ହେଲେ ମୁଖ୍ୟ ରାସ୍ତା ସିଙ୍ଗାରି ଘାଟି ଚଢି ୬୦ କି.ମି. ଯିବାକୁ ପଡିଥାଏ। ମେ ୧୭ ତାରିଖରେ ଉପରୋକ୍ତ ଗ୍ରାମର ୧୮ଜଣ ସିନ୍ଧିପଦର ପଞ୍ଚାୟତରୁ ପିଡ଼ିଏସ ଚାଉଳ ନେଇ ଏକ ପିକ୍‌ଅପ୍ ଭ୍ୟାନ ଗାଡିରେ ଫେରୁଥିବାବେଳେ ସିଙ୍ଗାରି ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିଲା। ଏଥିରେ ଘଟଣାସ୍ଥଳରେ ୨ ଜଣଙ୍କ ଏବଂ ପରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ୮ଜଣ ଗୁରୁତର ଆହତ ହୋଇଥିଲେ। ସେତେବେଳେ ଏହି ଘଟଣାକୁ ନେଇ ଜିଲାରେ ଶୋକାକୁଳ ଖେଳିଯାଇଥିଲା। ୫ଜଣଙ୍କ ମୃତ୍ୟୁ ପରେ ଚେତିଛି ପ୍ରଶାସନ। ବର୍ତ୍ତମାନ ଏହି ୪ ଗ୍ରାମବାସୀ ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତକୁ ଛାଡି ଜୁନାଗଡ଼ ବ୍ଲକରୁ ପିଡ଼ିଏସ ଚାଉଳ ପାଇବା ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଦଳିତ ଅଧିକାର ମଞ୍ଚ ପକ୍ଷରୁ ଜନକ୍ରାନ୍ତି ଦିବସ ପାଳିତ

ଖଡ଼ିଆଳ,୨୬।୮(ଡି.ଏନ.ଏ.)

ନୂଆପଡ଼ା ଜିଲାର ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଦଳିତ ଅଧିକାର ମଞ୍ଚ ପକ୍ଷରୁ ଜନକ୍ରାନ୍ତି ଦିବସ ପାଳନ କରାଯାଇଛି। ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟା ନେଇ ୧୨ ଦଫା ଦାବିପତ୍ର ଜିଲାପାଳ ହେମାକାନ୍ତ ସାଏଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ନାରାୟଣ ସାହୁଙ୍କୁ ପ୍ରଦାନ କରିଥିଲେ। ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ସମଲେଶ୍ୱରୀ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଖଡ଼ିଆଳ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକ ଖଡ଼ିଆଳ, ବୋଡ଼େନ, ସିନାପାଲିରୁ ପାଞ୍ଚ ଶହରୁ ଅଧିକ ଜନସାଧାରଣ ଯୋଗଦେଇଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ଗରିବ ଜନସାଧାରଣଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ବିଡ଼ିଓଙ୍କ ଜରିଆରେ ଦୃଷ୍ଟି ଆକର୍ଷଣ କରି ଓଡ଼ିଶା ସରକାରଙ୍କ ନିକଟରେ ପହଞ୍ଚାଇବା ଆମର ଉଦ୍ଦେଶ୍ୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ୧୨ଦଫା ଦାବି

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର**

ମଧ୍ୟରେ ଜିଲାର ହଜାର ହଜାର ଭୂମିହୀନ ପରିବାରଙ୍କୁ ଚିହ୍ନଟ କରି ୪ ଡିସିମିଲ ଜମି ପ୍ରଦାନ, ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କା ଘର ଯୋଜନାରେ ସାମିଲ, ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ପ୍ରଦାନ, ପ୍ରକୃତ ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପ୍ରାପ୍ୟ ତୁରନ୍ତ ପ୍ରଦାନ, ଦୀର୍ଘ ବର୍ଷ ଧରି ଜଙ୍ଗଲରେ ରହୁଥିବା ଆଦିବାସୀ ସମ୍ପ୍ରଦାୟଙ୍କୁ ପଟ୍ଟା ପ୍ରଦାନ, ଜଙ୍ଗଲରେ ବାସ କରୁଥିବା ପହରିଆ ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ସ୍ୱୀକୃତି ପ୍ରଦାନ ଆଦି ରହିଛି। ଦଳିତ ଅଧିକାରୀ ମଞ୍ଚ ସିନାପାଲି ସଭାପତି ପଦ୍ମନାଭ ଜଗତ, ବୋଡ଼େନ ସଭାପତି ଲିଙ୍ଗରାଜ ଜାଲଙ୍କ ସମେତ ଥବିର ବନଛୋର, କ୍ଷମା ସାଗର ବନଛୋର, କୈଳାଶ ହଂସ, ଧର୍ମେନ୍ଦ୍ର ପଣ୍ଡା, ଦଶରଥ ମାଝି, କମଳ ମାଝି, ବାସୁଦେବ ମାଝି, ଖଗେଶ୍ୱର ରଣା, ମାର୍କଣ୍ଡ ମହାନନ୍ଦଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।




ଦଳିତ ଅଧିକାର ମଞ୍ଚର କର୍ମୀ ଓ ଲୋକେ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳକୁ ଯାଉଛନ୍ତି।

# ନୂଆଁଖାଇ ପାଇଁ ଗାଁଠାରୁ ସହର ଚଳଚଞ୍ଚଳ

ନୂଆପଡ଼ା ଅଫିସ,୨୬।୮



ଘର ଲିପାପୋଛା ପାଇଁ ଜଣେ ମହିଳା ମାଟି ପ୍ରସ୍ତୁତ କରୁଛନ୍ତି।

ପଶ୍ଚିମ ଓଡିଶାର ନୂଆଁଖାଇ ଆଉ ୫ ଦିନ ବାକି ରହିଥିବା ବେଳେ ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ଚଳଚଞ୍ଚଳ ହୋଇଉଠୁଛି। ଗତ ୨ ବର୍ଷ କରୋନା ଯୋଗୁ କେବଳ ନୂଆଁଖାଇ ନୁହେଁ ଅନ୍ୟ ପର୍ବ ମଧ ଫିକା ପଡିଥିଲା। ଚଳିତବର୍ଷ ବର୍ଷ ଠିକଭାବେ ବର୍ଷା ହୋଇଥିବାରୁ ଚାଷୀଙ୍କ ମୁହଁରେ ହସ ଦେଖା ଦଇେଛି। ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଇଁ ଦୁର ଦୁରାନ୍ତରେ ରହିଥିବା ଶ୍ରମିକ, ଖଟିଖିଆ, ଦିନମଜୁରିଆ ଓ କମ୍ପାନୀରେ ଚାକିରି କରୁଥିବା ଲୋକ ଘରକୁ ପ୍ରତ୍ୟାବର୍ତନ କରୁଛନ୍ତି। ନୂଆଁଖାଇ ଆଉ ମାତ୍ର ୫ ଦିନ ବାକି ରହିଥିବା ବେଳେ ଗାଁରେ ମହିଳାମାନେ ଘର, ଦ୍ୱାର ଲିପା ପୋଛା କରିବା ସହ ଘର ଜିନିଷ ପତ୍ରକୁ ଧୋଇ ସଫା କରାଯାଉଛି। ଗାଁ ଦାଣ୍ଡ ସବୁ ଅଇଳା ଆବର୍ଜନା ସଫା କରିବାରେ ଲୋକେ ବ୍ୟସ୍ତ ରହିଛନ୍ତି। ନୂଆଁଖାଇ ଦିନ ନୂତନ ବସ୍ତ୍ର ପରିଧ୍ୟାନ କରି ନୂଆଁ ଅର୍ଣ୍ଣ ଭକ୍ଷଣ କରାଯାଉଥିବାରୁ କପଡା ଦୋକାନରେ ଭିଡ ଜମିବାରେ ଲାଗିଛି। ଏହା ସହିତ ଦୈନିକ ବଜାର ଓ ସପ୍ତାହିକ ହାଟ ସବୁ ଭିଡ ଜମିବାରେ ଲାଗିଛି। ଏହା କେବଳ ପଶ୍ଚିମ ଓଡିଶାବାସୀ ପାଳନ କରନ୍ତି ତାହା ନୁହେଁ ପଡୋଶୀ ଛତିଶଗଡର ମଧ୍ୟ ଅଧା ଅଧିକ ଲୋକେ ଏହି ଗଣପର୍ବ ପାଳନ କରିଥାନ୍ତି। ପଶ୍ଚିମ ଓଡିଶା ସୀମାବର୍ତ୍ତୀ ଛତିଶଗଡର ଲୋକଙ୍କ ସମ୍ପର୍କ ଓଡିଶା ସହିତ ରହିଥିବାରୁ ଏହି ପର୍ବ ଧୁମଧାମରେ ପାଳନ କରିଥାନ୍ତି। ଛତିଶଗଡ ସୀମାବର୍ତ୍ତି ଅଞ୍ଚଳରେ ମଧ୍ୟ ଲୋକେ ଚଳଚଞ୍ଚଳ ହୋଇ ନୂଆଁଖାଇ ପର୍ବ ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଛି। ନୂଆଁଖାଇ ପରବର୍ତ୍ତି ଦିନକୁ ନୂଆଁଖାଇ ବାସୀ ବା ମିଳନର ପର୍ବ ରୂପେ ପାଳନ କରିଥାନ୍ତି। ଘରକୁ କୁଣିଆ ଆସିଲେ ଭୋଜିଭାତ କରି ପରସ୍ପର ମଧ୍ୟରେ ଜୁହାର ଭେଟ ହୋଇଥାନ୍ତି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପରସ୍ପର ମଧ୍ୟରେ ଜୁହାର ଭେଟ ପାଇଁ ଗାଁରେ ପ୍ରସ୍ତୁତି ଚାଲିଛି। ନୂଆଁଖାଇଠାରୁ ବାସୀ ପର୍ବ ବଡଆଡମ୍ବର ସହ ପାଳନ କରାଯାଇଥାଏ।

## ଅର୍ଜୁନନଗରକୁ ବିଦ୍ୟୁତ୍ ସେବା ଆରମ୍ଭ

ଟିଟିଲାଗଡ଼,୨୬।୮(ଡି.ଏନ.ଏ.)

ଗୁରୁବାର ସନ୍ଧ୍ୟାରେ ଟିଟିଲାଗଡ଼ ସହରର ୱାର୍ଡ ନମ୍ବର ୧୨ର ନୂତନ ଭାବେ ଗଢି ଉଠିଥିବା ଅର୍ଜୁନନଗରକୁ ବିଦ୍ୟୁତ୍ ସଂଯୋଗର ଶୁଭାରମ୍ଭ ହୋଇଛି। ଜଳସମ୍ପଦ, ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟୁତ ସଂଯୋଗର ଶୁଭାରମ୍ଭ କରିଥିଲେ। ଏହି ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ନ ଥିବା ଯୋଗୁ ଏଠାରେ ରହୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତାହା ଦୂର ହୋଇଥିବାରୁ ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୧ ର କାଉନସିଲର ତଥା ପୌରପରିଷଦ ଉପାଧ୍ୟକ୍ଷା ପୁଷ୍ପା ମଞ୍ଜରୀ ଜାଲ, ୱାର୍ଡ ନମ୍ବର ୨ ର ଚନ୍ଦ୍ରକାନ୍ତି ନାଗଙ୍କ ସହିତ ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ସାହୁ, ଉମା ଅଗ୍ରୱାଲ, ତିଳକ ସାହୁ, ଗିଲୁଜାଲ, ସୁନୀଲ ସାହଙ୍କ ସମେତ ୱାର୍ଡ ବାସିନ୍ଦା, ଟାଟା ପୱାର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ଥିତି ଅନୁଧ୍ୟାନ କଲା ଜିଲା ସ୍ୱାସ୍ଥ୍ୟ ଟିମ୍

କୋକସରା,୨୬।୮(ଡି.ଏନ.ଏ.)

**ଟିର୍ଲିଆମ ଗାଁରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଦୁର୍ଗମ ଟିର୍ଲିଆମ ଗ୍ରାମରେ ୧୮ ଓ ୧୯ ତାରିଖରେ ଝାଡ଼ାବାନ୍ତିରେ ୬ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଟିର୍ଲିଆମ ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟଟିମ ଗାଁର ପରିବେଶ, ପାନୀୟ ଜଳ ସହ ଆକ୍ରାନ୍ତ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଟିମରେ କୋକସରା ଡାକ୍ତରଖାନା ଇନଚାର୍ଜ ଡା. ତତ୍ତ୍ୱଦର୍ଶୀ ଦାସଙ୍କ ସହ ଜିଲା ସ୍ୱାସ୍ଥ୍ୟ ଟିମର ଡିପିଏଚଓ ଡା. ରାକେଶ ସାହୁ, ଇପିଡୋମାଲୋଜିଷ୍ଟ ନିହାର ରଞ୍ଜନ ଠାକୁର, ଡିଏମଆଡିଏସପି ସୌମ୍ୟ ରଞ୍ଜନ, ମାଇକ୍ରୋବାଇଲୋଜିଷ୍ଟ ଦୀପକ କୁମାର ସାହୁ, ମାନସ ପଟ୍ଟନାୟକ, ଆମପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଶିଲ କୁମାର ସାହୁ, ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ଫାର୍ମାସିଷ୍ଟ ଶୁଭେନ୍ଦୁ ପଣ୍ଡା, ଚତୁର୍ଭୁଜ ବାଣୁଆ, ସ୍ୱାସ୍ଥ୍ୟ କର୍ମୀ କ୍ଷୀରୋଦ ବାଗ ଉପସ୍ଥିତ ରହିଥିଲେ। ମେଡିକାଲ ଟିମ ସହ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ, ସଞ୍ଜୟ ସିଙ୍ଘଲ ପ୍ରମୁଖ ଟିର୍ଲିଆମ ଗାଁର ପହଞ୍ଚ ବାସ୍ତବିକସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ସୂଚନାଯୋଗ୍ୟ ଯେ, ବ୍ଲକ ମେଡିକାଲ ଟିମର ତ୍ୱରିତ ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଥିଲେ। ସ୍ୱାସ୍ଥ୍ୟ ଟିମ ଟିର୍ଲିଆମ ଗାଁରେ ପ୍ରତିଦିନ ସ୍ୱାସ୍ଥ୍ୟ ସେବା ଜାରି ରଖିଛନ୍ତି। ଗତ ୨୨ ତାରିଖରେ ସ୍ଥିତି ଅନୁଧ୍ୟାନ ପାଇଁ ଧର୍ମଗଡ ଉପଜିଲାପାଳ ପି.ସଚିନ ପ୍ରକାଶଙ୍କ ସମେତ ତହସିଲଦାର ରାକେଶ ପାରୁଆ ମଧ ସ୍ଥିତି ଅନୁଧ୍ୟାନ କରିଥିଲେ।



ଟିର୍ଲିଆମ ଗାଁରେ ଜିଲା ସ୍ୱାସ୍ଥ୍ୟ ଟିମ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଲାଞ୍ଜିଗଡ଼ ସହରରେ ବଢୁଛି ଟ୍ରାଫିକ ସମସ୍ୟା

ଲାଞ୍ଜିଗଡ଼,୨୬।୮(ଡି.ଏନ.ଏ.)



ଲାଞ୍ଜିଗଡ଼ ସହରରେ ଟ୍ରାଫିକ ଜାମ୍ ହୋଇଛି।

କଳାହାଣ୍ଡି ଜିଲାର ଏକମାତ୍ର ଶିଳ୍ପାଞ୍ଚଳ ଲାଞ୍ଜିଗଡ଼ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଟ୍ରାଫିକ ସମସ୍ୟା ବୃଦ୍ଧି ଯୋଗୁ ସହର ମଧ୍ୟରେ ଆମ୍ବୁଲାନ୍ସ ଓ ସ୍ଥାନୀୟ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନ ତମାମ ସହର ଭିତରେ ଶହଶହ ଭାରୀଯାନ ପ୍ରବେଶ କରୁଥିବା ବେଳେ ଏଥିପାଇଁ କୌଣସି ସମୟସୀମା ନାହିଁ। ଫଳରେ ମାର୍କେଟ ରାସ୍ତା କଡ଼ରେ ଡାକ୍ତରଖାନା, ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟ, ଗ୍ୟାସ ଡିଲର, ବ୍ୟାଙ୍କ ସମେତ ଔଷଧ ଦୋକାନ ଥିବାବେଳେ ରୋଗୀ ତଥା ଅନ୍ୟ ଗ୍ରାହକମାନଙ୍କ ସହିତ ଜନସାଧାରଣ ପ୍ରତି ମୁହୂର୍ତ୍ତରେ ପ୍ରମାଦ ଗଣୁଛନ୍ତି। ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟୁଥିବା ବେଳେ ଟ୍ରାଫିକ ସମସ୍ୟା ଯୋଗୁ ନିଜ ନିଜ ମଧ୍ୟରେ କଳହ ମଧ ଦେଖିବାକୁ ମିଳୁଛି। ଏହା ସହିତ ଅମାନିଆ ଲୋକେ ବାଇକ୍ ଓ କାରଗୁଡ଼ିକୁ ରାସ୍ତାର ଦୁଇ କଡ ଉପରେ ରଖିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଜରୁରୀ ପରିସ୍ଥିତିରେ ରୋଗୀ ତଥା ଆମ୍ବୁଲାନ୍ସକୁ ମଧ ରାସ୍ତା ମିଳୁନାହିଁ। ଏଥିପ୍ରତି ଲାଞ୍ଜିଗଡ଼ ପୋଲିସ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ହାତଧୁଆ ତାଲିମ ନେଲେ ଛାତ୍ରୀଛାତ୍ର

ଲୋଇସିଂହା,୨୬।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ସେମେଲମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ହାତଧୁଆ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଆଲୋକିନୀ ଖମାରୀ ଅଧକ୍ଷତା କରି ସାବୁନରେ ହାତ ଧୋଇବାର ଫାଇଦା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ଆଶାକର୍ମୀ ମାଧବୀ ବେହେରା ଯୋଗଦେଇ ବିଦ୍ୟାଳୟର ୫୯ ଜଣ ଛାତ୍ରୀଛାତ୍ରଙ୍କୁ ଖାଇବା ପୂର୍ବରୁ ଏବଂ ଶୌଚ ପରେ କିପରି ସାବୁନରେ ନିୟମିତ ହାତ ଧୋଇବେ ସେ ସମ୍ପର୍କରେ ବୁଝାଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟେମରା ଗାଁ ଦାଣ୍ଡରେ ବର୍ଷା ପାଣି

କୋକସରା,୨୬।୮(ଡି.ଏନ.ଏ.)



ଗାଁ ରାସ୍ତା ରେ ଲହଡି ମାରୁଛି ବର୍ଷା ପାଣି। ବର୍ଷା ପାଣି ନିଷ୍କାସନ ପାଇଁ ଦୃଷ୍ଟି ଦେଉନାହାନ୍ତି ପଞ୍ଚାୟତ କର୍ମଚାରୀ। ଏଭଳି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତର ଟେମରା ଗାଁରୁ। ଟେମରା ଗାଁ ଦାଣ୍ଡରେ ଅଳ୍ପ ବର୍ଷା ହେଲେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ହେଉଥିବା ବେଳେ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ କିମ୍ବା କର୍ମଚାରୀ ବର୍ଷା ପାଣି ନିଷ୍କାସନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଉ ନଥିବା ନେଇ ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଟେମରା ସରପଞ୍ଚ କ୍ଷିତିରାମ ପାତ୍ରଙ୍କ ପ୍ରତିକ୍ରିୟା ନେବାରୁ ପ୍ରବଳ ବର୍ଷା କାରଣରୁ କିଛି ସ୍ଥାନରେ ବର୍ଷା ପାଣି ନିଷ୍କାସନରେ ଅସୁବିଧା ହେଉଛି। ବର୍ଷା କମିବା ପରେ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

# ଭଙ୍ଗା ଘରେ ୨ ଶିଶୁଙ୍କୁ ନେଇ ବିତୁଛି ବିଧବାଙ୍କ ଜୀବନ

ଲାଞ୍ଜିଗଡ,୨୬।୮(ଡି.ଏନ.ଏ.)



ଭଙ୍ଗା ଘର ସମ୍ମୁଖରେ ବିଧବା ସାଇବେଣୀ ପଟ୍ଟନାୟକ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୩୦୦ ଓ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ ମିଟର ଦୂରରେ ବ୍ରାହ୍ମଣ ପଡାରରେ ରହୁଛନ୍ତି ବିଧବା ସାଇବେଣୀ ପଟ୍ଟନାୟକ। ସ୍ୱାମୀ ସ୍ୱର୍ଗତ ଅର୍ଜୁନ ପଟ୍ଟନାୟକଙ୍କ ୨୨ ବର୍ଷ ପୂର୍ବେ ମୃତ୍ୟୁ ଘଟିଛି। ସ୍ୱାମୀଙ୍କୁ ହରାଇ ଭାଙ୍ଗି ପଡିଛନ୍ତି ସାଇବେଣୀ। ଅନ୍ୟପକ୍ଷରେ ୨ ଶିଶୁଙ୍କୁ ନେଇ ତାଙ୍କ ପରିବାର କୌଣସି ମତେ ଚଳି ଯାଉଥିବା ବେଳେ ଭଙ୍ଗା ଘରେ ଜୀବନ ବିତାଉଛନ୍ତି। ଭଙ୍ଗା ମାଟି ଘରେ ଛୁଆଙ୍କ ସହ ରହୁଥିବା ବେଳେ କେତେବେଳେ ତାହା ଭାଙ୍ଗି ଯିବ ତାହା କହିହେବ ନାହିଁ। ଘର ଯୋଗାଇ ଦେବାକୁ ବହୁବାର ପ୍ରଶାସନ ନିକଟରେ ନିବେଦନ କରିଥିଲେ ମଧ ମିଳୁ ନ ଥିବା ସାଇବେଣି କହିଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ, ସରପଞ୍ଚଙ୍କୁ ପଚାରିଲେ ତମର ଘର ପାଇଁ ଲିଷ୍ଟ ବ୍ଲକ ଅଫିସକୁ ପଠାଯାଇଛି ବୋଲି କହୁଛନ୍ତି। କିନ୍ତୁ ଆଜକୁ ୨୫ ବର୍ଷ ହେଲା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବ୍ଲକ ପ୍ରଶାସନ ମଧ ତାଙ୍କୁ ଠକି ଚାଲିଥିବା ସେ କହିଛନ୍ତି।

**ବିଧବା ସାଇବେଣୀଙ୍କୁ ଆବାସ ଯୋଜନା ସ୍ୱପ୍ନ**

ପର ଘରେ ବାସନ ମାଜି ଯାହା ମିଳେ ମୋର ଦୁଇ ପୁଅ ସୁଶୀଳ ଓ ମନୋଜ ବାପ ଛେମୁଣ୍ଡଙ୍କୁ ନେଇ ମୁଁ କଷ୍ଟେ ମଷ୍ଟେ ଚଳିଯାଏ। ହେଲେ ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ଶତାଧିକ ଲୋକଙ୍କୁ ଘର ମିଳୁଛି। କିନ୍ତୁ ମୁଁ ବ୍ଲକ ମୁଖ୍ୟାଳୟରେ ରହି ବାରମ୍ବାର ପ୍ରଶାସନଙ୍କୁ ଗୁହାରି କରିଥିଲେ ମଧ ମୋ କଥାକୁ କର୍ଣ୍ଣପାତ କରୁ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସାଇବେଣିଙ୍କୁ ଆବାସ ଘର ଯୋଗାଇବା ପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ମହିଳାଙ୍କ ପେଟରୁ ବାହାରିଲା ୧୪ କିଲୋର ଟ୍ୟୁମର

ସୋନପୁର (ନି.ପ୍ର.): ସୋନପୁର ସହରର ଏକ ଘରୋଇ ନର୍ସିଂ ହୋମରେ ବୁଧବାର ବିଳମ୍ବିତ ରାତିରେ ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗାଁର ଶାନ୍ତିଲତା ମେହେର(୪୦)ଙ୍କ ପେଟରୁ ପ୍ରାୟ ୧୪ କିଲୋ ଓଜନର ଟ୍ୟୁମର ବାହାରିଛି । ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସ୍ୱପ୍ନେଶ୍ୱର ବେହେରା ଏବଂ ଟିମ୍ ଏହି ସଫଳ ଅସ୍ତ୍ରୋପଚାର କରିଛନ୍ତି । ଶାନ୍ତିଲତା ଏବେ ସୁସ୍ଥ ଅଛନ୍ତି । ପ୍ରକାଶ ଯେ, ମହିଳାଙ୍କ ଓଭାରିୟନ ଟ୍ୟୁମର ହୋଇଥିଲା । ସେ ବହୁ କଷ୍ଟ ପାଉଥିଲେ। ଅଲଟ୍ରାସାଉଣ୍ଡ ପରୀକ୍ଷା ପରେ ଟ୍ୟୁମର ହୋଇଥିବା ୫ ମାସ ପୂର୍ବରୁ ଜଣା ପଡିଥିଲା ।

## ସଂକ୍ଷେପରେ

### ହୋଟେଲ ଛାତରୁ ଖସି କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ

**ପୁରୀ ଅଫିସ,୨୬।୮:** ପୁରୀ ବେଳାଭୂମି ନିକଟସ୍ଥ ଏକ ହୋଟେଲର ଛାତରୁ ଖସିପଡ଼ି ଏକ ଘରୋଇ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲିଙ୍ଗରାଜ ସାହୁ। ସେ ପୁରୀ ଜିଲା ଅସ୍ତରଙ୍ଗ ଗଙ୍ଗପୁର ଗ୍ରାମର ବାସିନ୍ଦା ହୋଇଥିବାବେଳେ ବଲାଙ୍ଗୀରରେ ଏକ ଘରୋଇ ଫାଇନାନ୍ସ ଲିମିଟେଡ୍ କମ୍ପାନୀରେ ଏଚ୍.ଆର୍ ବିଭାଗରେ କାର୍ଯ୍ୟ କରୁଥିଲେ। ଏଠାକୁ କମ୍ପାନୀ ବୈଠକରେ ଯୋଗଦେବାକୁ ଆସି ଏକ ହୋଟେଲରେ ରହିଥିବାବେଳେ ରାତିରେ କୌଣସି କାରଣରୁ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଥିବା କୁହାଯାଉଛି। ଅନ୍ୟପକ୍ଷେ ସେ ୬ମହଲାରୁ ଖସିପଡ଼ିଥିଲେ ନା ତାଙ୍କୁ ଠେଲିଦିଆଯାଇଛି ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ନେଇ ତାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଏସ୍‌ପି କନୱର ବିଶାଲ ସିଂ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ଘଟଣା ଘଟିଥିବା ରାତିରେ ଡ୍ୟୁଟିରେ ଥିବା ହୋଟେଲ କର୍ମଚାରୀ ଓ ଲିଙ୍ଗରାଜଙ୍କ ସହକର୍ମୀଙ୍କୁ ପଚରାଉଚରା କରାଯାଇଛି। ଏହା ଦୁର୍ଘଟଣା ନା ହତ୍ୟା ସେ ନେଇ ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି।

### ୨୮ରେ ସନାତନ ଧର୍ମ ଜାଗରଣ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୨୬।୮:** ପୀଠ ପରିଷଦ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ବରଗଡ଼ ଜିଲା ଶାଖା ପକ୍ଷରୁ ଆସନ୍ତା ୨୮ତାରିଖରେ ବରଗଡ଼ ସହରରେ ସନାତନ ଧର୍ମ ଜାଗରଣ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟ ହେତମପୁରିଆ ଭବନରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କାର୍ଯ୍ୟକ୍ରମ ରହିଛି । ସେହିପରି ସନାତନ ହିନ୍ଦୁ ଧର୍ମର ମୁଖ୍ୟସ୍ରୋତକୁ ସ୍ମରଣ କରାଇବା ତଥା ସର୍ବହିତପ୍ରଦ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତ ସନାତନୀ ଧର୍ମାନୁଷ୍ଠାନକୁ ନେଇ ବରଗଡ଼ ନଗରରେ ଜିଲାସ୍ତରୀୟ (ପଶ୍ଚିମୋଡ଼ଲୀୟ) ସନାତନୀ ଧର୍ମସଭା ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଉକ୍ତ ଶୋଭାଯାତ୍ରା, ଧର୍ମସଭାରେ ଉପସ୍ଥିତ ରହି ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

### ବିନିକା ମହିଳା ଡିଗ୍ରୀ କଲେଜରେ ସଚେତନତା କାର୍ଯ୍ୟକ୍ରମ

**ସୋନପୁର,୨୬।୮(ନି. ପ୍ର.):** ସୁବର୍ଣ୍ଣପୁର ଜିଲା ବିନିକା ମହିଳା ଡିଗ୍ରୀ କଲେଜରେ ଭୋଟର କାର୍ଡ ସହିତ ଆଧାର କାର୍ଡର ସଂଯୋଗୀକରଣ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିନିକା ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ, ସହକାରୀ ପ୍ରିୟବ୍ରତ ମିଶ୍ର ଓ ରମାକାନ୍ତ ଥାନାପତି ଛାତ୍ରୀ ମାନଙ୍କୁ ସଚେତନତା ବାର୍ତ୍ତା ଦେବା ସହ କିପରି ଭାବରେ ଭୋଟର କାର୍ଡ ସହିତ ଆଧାର କାର୍ଡର ସଂଯୋଗ କରାଯିବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ବିନିକା ମହିଳା ଡିଗ୍ରୀ କଲେଜର ଚେୟାରମ୍ୟାନ ହିମାଂଶୁ ଶେଖର ତ୍ରିପାଠୀ, ସମ୍ପାଦକ ବିକାଶ ମହାନ୍ତି, କଲେଜର ଅଧକ୍ଷା, ସମସ୍ତ ଅଧାପିକା ଅଧାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ସ୍ୱାମୀ ମରିଥିଲେ, ସ୍ତ୍ରୀ ବି କିଡ୍‌ନୀ ରୋଗରେ ମଲେ

**ଅମରପାଲି,୨୬।୮(ଡି.ଏନ.ଏ.)**

- ଅର୍ଥାଭାବ ଯୋଗୁ ହୋଇପାରିଲାନି ଚିକିତ୍ସା
- ବହଳପଦର ପଞ୍ଚାୟତ ହୋତାପାଲି ଗ୍ରାମ
- ସପ୍ତାହେ ମଧରେ ଗ୍ରାମରେ ୨ ଜଣଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ
- ମିଳିନି ମାଗଣା ଔଷଧ
- ସରକାରୀ ସହାୟତା ଦାବି

କିଡ୍‌ନୀ ରୋଗରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା,ଏବେ ପୁଣି ସେହି ରୋଗରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଅର୍ଥାଭାବ ଚିକିତ୍ସାରେ ବାଧକ ସାଜିବାରୁ ବର୍ଷକ ମଧରେ ଉଭୟ ମା' ଓ ବାପାଙ୍କୁ ହରାଇ ବେସାହାରା ହୋଇ ଯାଇଛନ୍ତି ତିନି ଝିଅ ପୁଅ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଗ୍ରାମ ପଞ୍ଚାୟତ ଅଧୀନ ସୁରଧାପାଲି(ହୋତାପାଲି)ଗ୍ରାମରେ ଏଭଳି ଏକ ଦୁଃଖଦ ଘଟଣା ନଜରକୁ ଆସିଛି । ଗୁରୁବାର ବିଳମ୍ବିତ ରାତ୍ରିରେ ଏହି ଗ୍ରାମର ଜଣେ କିଡ୍‌ନୀ ଆକ୍ରାନ୍ତ ଆଦିବାସୀ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହୋତାପାଲି ଗ୍ରାମର ମୃତ ବୁଧୁ ମିଞ୍ଜଙ୍କ ସ୍ତ୍ରୀ ଗାନ୍ଦ ମିଞ୍ଜ(୫୨)। ପ୍ରାୟ ମାସେ ପୂର୍ବରୁ ଜ୍ୱର ହେବାରୁ ଗାନ୍ଦଙ୍କୁ ସୋନପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସେ କିଡନୀ ରୋଗ ରେ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଥିଲେ। ଚିକିତ୍ସା ପାଇଁ ବୁର୍ଲା କିମ୍ବା କଟକ ଯିବାକୁ ପରାମର୍ଶ ଦେଇଥିଲେ । ମାତ୍ର ପରିବାରର ଆର୍ଥିକ ଅଭାବ ଯୋଗୁ ତାଙ୍କୁ ଚିକିତ୍ସା କରାଯାଇ ପାରି ନ ଥିଲା। ଶେଷରେ ଭାଗ୍ୟକୁ ଆଦରି ଘରେ ପଡି ରହି ମୃତ୍ୟୁବରଣ କଲେ। ପ୍ରାୟ ୧୧ମାସ ପୂର୍ବରୁ କିଡ୍‌ନୀ ରୋଗରେ ମହିଳାଙ୍କ ସ୍ୱାମୀ ବୁଧୁଙ୍କ ମୃତ୍ୟୁ ଘଟିଥିଲା । ପରିବାରର ଏକମାତ୍ର ପୁଅ ପ୍ରଭୁ ମିଞ୍ଜ ବାପା କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ପରେ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇ ଚିକିତ୍ସା ପାଇଁ ଟଙ୍କା ପଠାଉ ଥିଲେ। ମାତ୍ର ଉଭୟ ମା' ବାପାଙ୍କୁ ହରାଇ ସେ ମ୍ରିୟମାଣ ହୋଇ ପଡିଛନ୍ତି । ଉକ୍ତ ପରିବାର ଅତ୍ୟନ୍ତ ଗରିବ। ଜମିବାଡି କିଛି ନାହିଁ। ବିଜୁ ସ୍ୱାସ୍ଥ୍ୟ କାର୍ଡ ମିଳିଥିଲେ ବି ଚିକିତ୍ସା ପାଇଁ କାମରେ ଲାଗି ପାରି ନ ଥିଲା । ଡାକ୍ତରଖାନାରୁ ନିରାମୟ ଯୋଜନାରେ ମାଗଣା ଔଷଧ ମିଳି ନ ଥିଲା। ପରିବାରରେ ଏବେ ଏକମାତ୍ର ପୁଅ ସହିତ ଦୁଇ ନାବାଳିକା ଝିଅ ଅଛନ୍ତି। ପୁଅ ପ୍ରଭୁ ଦାଦନ ଖଟୁଥିବା ବେଳେ ବଡ ଝିଅ ମାଗ୍ରୀତା(୧୬)ମାଟ୍ରିକ ପାସ ପରେ ଅର୍ଥାଭାବରୁ କଲେଜରେ ନାଁ ଲେଖାଇ ପାରିନାହିଁ। ସାନ ଝିଅ ଗୀତା (୧୩)ଏବେ ସାଗଯୋରୀ ଉନ୍ନୀତ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ଆଗକୁ କେମିତି ଚଳିବେ ସେହି ଚିନ୍ତା ପିଲାଙ୍କୁ ଘାରିଛି । ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱ ଦେଇ ତୁରନ୍ତ କ୍ଷତିପୂରଣ ଦେବା ସହିତ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ଉକ୍ତ ଗ୍ରାମର ମେରୀ ଏକ୍କା (୫୦)ନାମକ ଜଣେ ଆଦିବାସୀ ମହିଳାଙ୍କର କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିଲା। ଉକ୍ତ ଗ୍ରାମରେ ପ୍ରାୟ ୫ ଜଣଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇ ସାରିଥିବା ବେଳେ ଏବେ ବି ୪ଜଣ ଏହି ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ଅଛନ୍ତି। ସ୍ୱାସ୍ଥ୍ୟବିଭାଗ ତୁରନ୍ତ ଚିକିତ୍ସା ଅଭାବରୁ ଘରେ ପଡି ରହି ମୃତ୍ୟୁ ସହ ସଂଗ୍ରାମ କରୁଥିବା ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏନେଇ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ରବୀନ୍ଦ୍ର ନାଥ ପଣ୍ଡାଙ୍କୁ ପଚାରିବାରେ ଉକ୍ତ ଗ୍ରାମକୁ ଚିକିତ୍ସା ପାଇଁ ଏକ ଦଳ ପଠାଯିବ ବୋଲି ପ୍ରକାଶ କରିଛନ୍ତି।

### ରେଲୱେ ଟ୍ରାକ୍‌ରୁ ଚୋରି, ୨ ଗିରଫ

**ବରଗଡ଼ ଅଫିସ୍,୨୬।୮**

ରେଲୱେ ଟ୍ରାକ୍‌ରୁ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ବରଗଡ଼ ଜିଲା ଭଟଲି ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅମ୍ବାଭୋନା ଥାନା ବଡ଼ଜାମପାଲି ଗ୍ରାମର ବିମଳ ସାହୁ(୨୫) ଏବଂ ବାଞ୍ଜିପାଲି ଗ୍ରାମର ଗୋବର୍ଦ୍ଧନ ଡନସନା(୨୫)। ସେମାନଙ୍କ ପାଖରୁ ଏକ ବାଇକ୍ (ନଂ.ଓଡ଼ି୧୭ଏଚ୍/୪୩୨୪) ଏବଂ ଚୋରି ଲୁହା ସାମଗ୍ରୀ ଜବତ ହୋଇଛି। ଏ ନେଇ ଭଟଲି ଥାନାରେ ଦଫା ୩୭୯, ୫୦୬, ୩୪ ଆଇପିସିରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ସାଢ଼େ ୪ଟା ସମୟରେ ଗିରଫ ୨ ଅଭିଯୁକ୍ତ ବରଗଡ଼ ସିମେଣ୍ଟ ୱାର୍କ୍ସରୁ ଡୁଙ୍ଗୁରି ଯାଇଥିବା ରେଲୱେ ଟ୍ରାକ୍‌ର ମେଣ୍ଢପାଲି-ସୁକୁଡ଼ା ମଧ୍ୟରେ ଲୁହା ସାମଗ୍ରୀ ଚୋରି କରୁଥିଲେ। ଗ୍ୟାଙ୍ଗମ୍ୟାନ ରଞ୍ଜନ ଭୋଇ ତାହା ଦେଖିବାରୁ ସେମାନେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ଏହାପରେ ରଞ୍ଜନ ଏବଂ ପାଟ୍ରୋଲିଂ କରୁଥିବା ପୋଲିସ କର୍ମଚାରୀ ସେମାନଙ୍କୁ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଥିଲେ।

# ଭାରତୀୟ କିଷାନ ସଂଘର ଦାବିପତ୍ର



କ୍ଷତିପୂରଣ ପ୍ରଦାନ ଦାବିରେ କିଷାନ ସଂଘ ପକ୍ଷରୁ ବୌଦ୍ଧ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ବୌଦ୍ଧ, ୨୬।୮(ସ୍ୱ.ପ୍ର.)**

### ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ବୌଦ୍ଧ ଏକ କୃଷିପ୍ରଧାନ ଜିଲା ହୋଇଥିବାବେଳେ ୮୦ ଭାଗ ଲୋକ ଜୀବନ ଜୀବିକା ପାଇଁ ଚାଷ ଉପରେ ନିର୍ଭରଶୀଳ। ଜିଲାରେ ପ୍ରତିବର୍ଷ ୮୫ ହଜାର ହେକ୍ଟର ଜମିରେ ଧାନ ଫସଲ ହୋଇଥାଏ। ହେଲେ ଜିଲାରେ ଜଳସେଚନର ସୁବିଧା ନ ଥିବାରୁ ଚାଷୀ ପ୍ରତିବର୍ଷ ମରୁଡିର ଶିକାର ହେବା ସହିତ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମଧ ଶିକାର ହୋଇଥାଏ। ସରକାର ଚାଷୀଙ୍କଠାରୁ କୃଷି ବୀମା ଅର୍ଥ ଆଦାୟ ସହିତ ଇନପୁଟ ସବସିଡି ଯୋଗାଇ ଦେଇଆସୁଥିବାବେଳେ କିନ୍ତୁ ଜିଲାର ଚାଷୀମାନଙ୍କୁ ଇନପୁଟ ସବ୍‌ସିଡି ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ୨୦୧୨ ମସିହାରୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଆସିଥିବା ଅର୍ଥ ଏପର୍ଯ୍ୟନ୍ତ ଚାଷୀଙ୍କୁ ମିଳି ନ ଥିବାବେଳେ ଗତ ୧୭।୩।୨୦୨୨ରେ ବୌଦ୍ଧ ତହସିଲଦାର ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀମାନେ ରାଜସ୍ୱ ନିରୀକ୍ଷକଙ୍କ ପାଖରେ କ୍ଷତିପୂରଣ ପ୍ରଦାନ ପାଇଁ ଆବେଦନ କରିବାକୁ କୁହାଯାଇଥିଲା। ଏନେଇ କିସାନ ସଂଘ ପକ୍ଷରୁ ଏହାର ଘୋର ବିରୋଧ କରାଯାଇ ତହସିଲ ପକ୍ଷରୁ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କର ଉପଯୁକ୍ତ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବାକୁ କହିବା ସହ କରକାପାତ, ମରୁଡି ଏବଂ ହୋଇଥିବା କ୍ଷତିର ପରିମାଣ ଗତ ୨୫।୧।୨୦୨୨ରେ ରିପୋର୍ଟ ପ୍ରଦାନ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ ହୋଇପାରିଲା ନାହିଁ କି ଚାଷୀଙ୍କୁ କ୍ଷତିପୂରଣ ମିଳିପାରିଲାନାହିଁ। ଏନେଇ ଶୁକ୍ରବାର ଜିଲା କିଷାନ ସଂଘ ପକ୍ଷରୁ ସଂଘର ସଭାପତି ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବୌଦ୍ଧ ତହସିଲ ଆଗରେ ବିକ୍ଷୋଭ କରାଯିବା ସହିତ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଏଥିରେ ଚାଷୀନେତା ନବୀନ କୁମାର ପ୍ରଧାନ, ରମାକାନ୍ତ ପ୍ରଧାନ, ନରହରି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଶିକେସନ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇଥିଲେ।

# ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଆଯାଉ

**ଅମ୍ବାଭୋନା,୨୬।୮(ଡି.ଏନ.ଏ)**

### ତହସିଲଦାରଙ୍କୁ ଭେଟି କଂଗ୍ରେସର ଦାବି

ହୀରାକୁଦ ଜଳଭଣ୍ଡାର ପଛୁଆ ପାଣି ମାଡ଼ି ଆସିବା ଯୋଗୁ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଖିଲି ଗ୍ରାମ ଜଳବନ୍ଦୀ ହେବା ସହିତ ୭ଦିନ ଧରି ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇ ରହିଥିଲା। ଏହାସହିତ ଅନ୍ତରାଡ଼ି, ବେନିଆପାଲି, ଘୁଘୁରାପାଲି, ବରଙ୍ଗାକୋଟ୍, ବଡ଼ମାଳ ଆଦି ଗ୍ରାମରେ ବନ୍ୟାଜଳ ମାଡ଼ି ଆସି ଧାନ ଫସଲ ନଷ୍ଟ କରିବା ସହିତ ପରିବା ଫସଲ ଉଜୁଡ଼ି ଯାଇଥିଲା। ବହୁ ଲୋକଙ୍କ ଘରଦ୍ୱାର ଭାଙ୍ଗି ଯାଇଥିଲା। ମତ୍ସ୍ୟଜୀବୀଙ୍କ ଡଙ୍ଗା ଭାସି ଯାଇଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମାତ୍ର ଅଦ୍ୟାବଧି ଠିକ୍ ଭାବେ ବନ୍ୟା କ୍ଷୟକ୍ଷତି ଆକଳନ ହୋଇ ନ ଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଏହି କ୍ରମରେ ଗୁରୁବାର କଂଗ୍ରେସର ଏକ ପ୍ରତିନିଧି ଦଳ ଅମ୍ବାଭୋନା ତହସିଲଦାର ସୀତାରାମ ଭୋଇଙ୍କୁ ଫେରାଦ ହୋଇଥିଲେ। ୨୦୨୦ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳି ନ ଥିବାବେଳେ ତାକୁ ନେଇ କଂଗ୍ରେସ ପ୍ରତିନିଧିବୃନ୍ଦ ଉଦ୍‌ବେଗ ପ୍ରକାଶ କରିଥିଲେ। ଚିଖିଲି ଗ୍ରାମ ନିକଟରେ ଏକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ସହିତ ବିପନ୍ନଙ୍କୁ ଥଇଥାନ କରିବାକୁ କଂଗ୍ରେସ ଦାବି କରିଛି। ଏହି ପ୍ରତିନିଧି ଦଳରେ କଂଗ୍ରେସ ନେତା ସରୋଜ ମହାପାତ୍ର, ଇମାନୁଏଲ ଦତ୍ତ ରଣବୀର, ବ୍ଲକ କଂଗ୍ରେସ କମିଟି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

### ୧୫୭୧୦ ପରିବାରଙ୍କୁ ମିଳିଛି କାମ

**ଅମରପାଲି,୨୬।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଏକ କଲ୍ୟାଣମଣ୍ଡପଠାରେ ଶୁକ୍ରବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନିଶିମଣୀ ମିଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରକୁ ବିଡିଓ ମୋତିଲାଲ ସୁଲିଆ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ସାମାଜିକ ସହାୟତା ଯୋଜନା,ପଞ୍ଚଦଶ ଅର୍ଥ ଆୟୋଗ,ସମନ୍ୱିତ ଶିଶୁ ବିକାସ ଯୋଜନା ଓ ମମତା ଯୋଜନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯିବା ସହିତ ସଂପୃକ୍ତ ବିଭାଗର ଅଧିକାରୀଙ୍କ ଦ୍ୱାରା ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ଗତ ଆର୍ଥିକ ବର୍ଷରେ ଏମଜିଏନଆରଇଜିଏସରେ ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ବିଭାଗ ଓ ଗ୍ରାମପଞ୍ଚାୟତସ୍ତରରେ ସମ୍ପାଦିତ ହୋଇଥିବା କାର୍ଯ୍ୟଗୁଡିକରେ ୧୫ହଜାର ୭୧୦ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ସମୁଦାୟ ୨୧.୭୦ କୋଟି ଟଙ୍କା ବିନିଯୋଗରେ ୮୬୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ବ୍ଲକର ୧୨୩୮ପରିବାରକୁ ଶହେ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ତଥ୍ୟକୁ ଏପିଓ ସମିତ୍ ମହାକୁରଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାସ୍ତରରୁ ଜିଲା ସୋସିଆଲ ଅଡିଟର, ଡିଏସଏସଓ, ଡିଏସଡବ୍ଲୁଓ, ଏସିଏସଓ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବ୍ଲକ କର୍ମଚାରୀ, ଜଙ୍ଗଲ ବିଭାଗ, ଜଳଛାୟା ବିଭାଗ, ଉଦ୍ୟାନ କୃଷି ବିଭାଗ, ସିଡିପିଓ, ବିଏସଏସଓ,ଏମଆଇ, ପବ୍ଲିକ ହିଅରିଂ କମିଟି ସଭ୍ୟ, ବିଏସଏ, ଭିଆରପି, ସମସ୍ତ ପିଆରଆଇ ସଭ୍ୟାସଭ୍ୟ, ସାମାଜିକ କର୍ମୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଭଞ୍ଜନ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୃସିଂହନାଥ ଇକୋ ଟୁରିଜମ୍ ପରିଚାଳନା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ପାଇକମାଳ,୨୬।୮(ଡି.ଏନ.ଏ.)**

ନୃସିଂହନାଥ ଇକୋ ଟୁରିଜମ ବା ପ୍ରକୃତି ନିବାସର ସୁପରିଚାଳନା ପାଇଁ ତିନିଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ରେଞ୍ଜର ରାଜେନ୍ଦ୍ର କୁମାର ଭୋଇ ଏହାକୁ ବୁଧବାର ଉଦ୍‌ଘାଟନ କରିଥିବା ବେଳେ କର୍ମଶାଳାରେ ପ୍ରାୟ ୩୦ ଜଣ ଯୋଗ ଦେଇଥିଲେ। ଏ ନେଇ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ସ୍ଥିତ ଜଙ୍ଗଲ ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଶନ୍ନ କୁମାର ନାୟକ ଓ ଆଦିତ୍ୟ କୁମାର ପଣ୍ଡା ଅତିଥି ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରକୃତି ବନ୍ଧୁ ବଡ ଶତପଥି ଅତିଥି ଭାବେ ଯୋଗଦେଇ ଗନ୍ଧମାର୍ଦ୍ଦନ ଓ ନୃସିଂହନାଥର ଐତିହ୍ୟ ଉପରେ ଆଲୋଚନା କରିଥିଲେ। ପ୍ରକୃତି ବନ୍ଧୁ ବିଭୂତି ମୁଣ୍ଡ ସଭାର ଉଦ୍ଦେଶ୍ୟ ଜ୍ଞାପନ ଏବଂ ଫରେଷ୍ଟର ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନୃସିଂହନାଥ ବନ ବିଭାଗର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଉଲୁଣ୍ଡାରେ ଖୋଲିବ ନୂତନ ଜେଏମ୍‌ଏଫ୍‌ସି କୋର୍ଟ

**ସୋନପୁର,୨୬।୮(ନି.ପ୍ର.)**

ଓଡିଶାରେ ୩୮ଟି ନୂତନ କୋର୍ଟ ପ୍ରତିଷ୍ଠା କରିବା ପାଇଁ ସରକାର ନିଷ୍ପତ୍ତି ନେବା ସହିତ ଆବଶ୍ୟକ ପଦବୀଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ଉଲୁଣ୍ଡା ବ୍ଲକରେ ସିଭିଲ ଜଜ୍(ଜୁନିଅର ଡିଭିଜନ) ତଥା ଜେଏମଏଫସି କୋର୍ଟ ପ୍ରତିଷ୍ଠା ପାଇଁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଜିଲା ପ୍ରଶାସନ ପକ୍ଷରୁ କୋର୍ଟ ପ୍ରତିଷ୍ଠା ପାଇଁ ପୂର୍ବରୁ ଉଦେଇପଦର ମୌଜାରେ ସାଢେ ୩ ଏକର ଜମି ପ୍ରଦାନ କରାଯାଇଛି । ସେଠାରେ ନୂତନ କୋର୍ଟ ବିଲ୍ଡିଂ ନିର୍ମାଣ କରାଯିବ। ତେବେ ଅସ୍ଥାୟୀ ଭାବେ କୋର୍ଟ ଚାଲିବା ପାଇଁ ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା କୋଠାକୁ ଚିହ୍ନଟ କରାଯାଇଛି । ଉଲୁଣ୍ଡା ବିଡିଓ ଏଥିପାଇଁ ରାଜି ଥିବା ବେଳେ ଜିଲାପାଳଙ୍କୁ ଏ ସମ୍ପର୍କରେ ଅନୁମତି ମଗାଯିବ। ସୁବର୍ଣ୍ଣପୁର ଜିଲା ଦୌରାଜଜ୍ ରଶ୍ମିରଞ୍ଜନ ଆଚାର୍ଯ୍ୟ ଗୁରୁବାର ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା କୋଠା ପରିଦର୍ଶନ କରିଥିଲେ । ଏହି କୋଠାକୁ ତୁରନ୍ତ ମରାମତି କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ତହସିଲଦାର ବିପିନ କୁମାର ପଧାନ, କୋର୍ଟ ମ୍ୟାନେଜର ଅଚ୍ୟୁତ କୁମାର ସାମନ୍ତରା ଓ ଆଇନଜୀବୀମାନେ ଏହି ଅବସରରେ ଉପସ୍ଥିତ ଥିଲେ । ପ୍ରକାଶ ଯେ, ଉଲୁଣ୍ଡା ବ୍ଲକ ବ୍ୟତୀତ ଜିଲାର ଅନ୍ୟ ୫ଟି ବ୍ଲକରେ ପୂର୍ବରୁ କୋର୍ଟ ପ୍ରତିଷ୍ଠା ହୋଇସାରିଛି । ଉଲୁଣ୍ଡାର ଜନସାଧାରଣ କୋର୍ଟ କାମରେ ଖର୍ଚ୍ଚାନ୍ତ ହୋଇ ବୀରମହାରାଜପୁରକୁ ଯାଉଛନ୍ତି। ତେଣୁ ଉଲୁଣ୍ଡାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟ ଖୋଲିବା ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ହେଲା ଦାବି କରି ଆସୁଥିଲେ।

# ଅଣବାସ୍‌ମତି ଚାଉଳ ରପ୍ତାନିକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨୬।୮**

### ଚାଉଳ ରପ୍ତାନି ପାଇଁ କର୍ମଶାଳା

ବରଗଡ଼ କୃଷି ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର କୃଷି ଏବଂ ପ୍ରସଂସ୍କୃତ ଖାଦ୍ୟ ରପ୍ତାନୀ ବିକାଶ ପ୍ରାଧିକରଣ(ଆପେଡ଼ା), କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ତଥା ଅନନ୍ୟା, ବରଗଡ଼ ଆନୁକୂଲ୍ୟରେ ଚାଉଳ ଭିତ୍ତିକ ରପ୍ତାନୀର ବିକାଶ ପାଇଁ କୃଷି ଉତ୍ପାଦକ ସଂଘ, କୃଷି ଉତ୍ପାଦକ କମ୍ପାନୀ, ଆଗୁଆ ଚାଷୀ, ରପ୍ତାନୀକାରୀ ଏବଂ ମିଲର୍ସମାନଙ୍କ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୫୦ଜଣ ଚାଷୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଆପେଡ଼ାର ଆଞ୍ଚଳିକ ମୁଖ୍ୟ ସନ୍ଦୀପ ଶାହା, କେନ୍ଦ୍ରୀୟ ମାଲଗୋଦାମ ନିଗମର ଅଧୀକ୍ଷକ ପ୍ରଜ୍ଞାନ ରାଉତ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ଆଲୋକ ସାହୁ, ଡଃ ସୁପୋ ସରକାର, ରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ରର ଡଃ ଅସୀତ ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା, ଧାନ ଗବେଷଣା କେନ୍ଦ୍ର ପରିଚାଳନା ସମିତି ସଦସ୍ୟ ଅମରେଶ୍ୱର ମିଶ୍ର, ନାବାର୍ଡ଼ର ଜିଲା ଉନ୍ନୟନ ପରିଚାଳକ ହଟକିଶୋର ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଚାଉଳର ରପ୍ତାନୀ ସମ୍ପର୍କିତ ବିଭିନ୍ନ ବୈଷୟିକ ଦିଗ, ଆଧୁନିକ ଜ୍ଞାନ କୌଶଳ, ସଂରକ୍ଷଣ, ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ଏବଂ ବଜାର ସଂଯୋଗୀକରଣ ତଥା କୃଷି ଉତ୍ପାଦନ ସଂଘର ଭୂମିକା ଆଦି ଉପରେ ସେମାନେ ଆଲୋକପାତ କରିଥିଲେ ।

ଆପେଡ଼ାର ସହକାରୀ କାର୍ଯ୍ୟନିର୍ବାହୀ ସୀତାକାନ୍ତ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଆପେଡ଼ାର ଅଥରିଟି ମେମ୍ବର ସୁଶାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଣବାସୁମତୀ ଚାଉଳ ରପ୍ତାନୀ ପାଇଁ ସମ୍ପୃକ୍ତ ସରକାରୀ, ବେସରକାରୀ ସଂସ୍ଥା, କୃଷି ଉତ୍ପାଦକ ସଂଘ, ଆଗୁଆ ଚାଷୀ, ମିଲର୍ସ ଏବଂ ରପ୍ତାନୀକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ଆବଶ୍ୟକ ବୋଲି ମତ ରଖିଥିଲେ। ପଶ୍ଚିମ ଓଡ଼ିଶାକୁ ଗୁରୁତ୍ୱ ଦେଇ ଅଣବାସୁମତୀ ଚାଉଳ ରପ୍ତାନୀ ପାଇଁ ପ୍ରଚେଷ୍ଟା କରିବାକୁ ସେ ଆହ୍ୱାନ କରିଥିଲେ। ଚାଷୀମାନଙ୍କ ଆୟବୃଦ୍ଧିରେ ଏହା ଅତ୍ୟନ୍ତ ସହାୟକ ହେବ ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଚାଷୀମାନେ ସକ୍ରିୟ ଅଂଶଗ୍ରହଣ କରି ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ। ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଁଖାଇ ଛୁଟି ୩ ଦିନ ଦାବି ତେଜିଲା

**ବରଗଡ଼ ଅଫିସ୍,୨୬।୮**



କୋସଲସେନା କର୍ମୀଙ୍କ ସହିତ ଜିଲାପାଳଙ୍କ ଆଲୋଚନା ।

- ଜିଲାପାଳଙ୍କ ଅଫିସ ଆଗରେ ଉତ୍ତେଜନା
- ଦାବି ନ ମାନିଲେ ୨୯ରେ ରାସ୍ତାରୋକୋ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ସେପ୍ଟେମ୍ବର ୧ରେ ପାଳନ ହେବ। ରାଜ୍ୟ ସରକାର ଏଥିପାଇଁ ସେପ୍ଟେମ୍ବର ୧ତାରିଖକୁ ଛୁଟି ଘୋଷଣା କରିଛନ୍ତି। ଅନ୍ୟପଟେ ୩ଦିନ ନୂଆଁଖାଇ ଛୁଟି ଘୋଷଣା କରିବାକୁ କୋସଲ ସେନା ସମେତ ବିଭିନ୍ନ ସଙ୍ଗଠନ ଦାବି କରିଛନ୍ତି। ଏହି ଦାବି ନେଇ ଶୁକ୍ରବାର କୋସଲ ସେନାର କର୍ମୀମାନେ ଜିଲାପାଳଙ୍କ ଅଫିସକୁ ଆସି ଦାବି ଜଣାଇଥିଲେ। ଗତ ୨୨ତାରିଖରୁ ଏହି ଦାବି ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରି ସେମାନେ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ପୋଲିସ ସହିତ ବିକ୍ଷୋଭକାରୀଙ୍କ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା।

ପରେ ଜିଲାପାଳ ମୋନିଷା ବାନାର୍ଜୀ ଘଟଣାସ୍ଥଳରେ ପହଞ୍ଚି କୋସଲ ସେନା କର୍ମୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଦାବି ନେଇ ଆର୍ଡ଼ିସିଙ୍କୁ ଜଣାଇ ଦେଇଥିବା କହିଥିଲେ। ଏହାସହିତ ଏକ ସ୍ମାରକପତ୍ର ମଧ୍ୟ ଗ୍ରହଣ କରିଥିଲେ। ଯଦି ଦାବି ମୁତାବକ ୩ଦିନ ନୂଆଁଖାଇ ଛୁଟି ଘୋଷଣା କରା ନ ଯାଏ, ଆସନ୍ତା ୨୯ତାରିଖରେ କୋସଲ ସେନା ନେତୃତ୍ୱରେ ରାସ୍ତା ଅବରୋଧ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ଦେବୀ ପ୍ରସାଦ ମିଶ୍ର, ବରୁଣ ବେହେରା, ସୁଦାମ ପାତ୍ର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ନୂଆଁଖାଇ ପଶ୍ଚିମ ଓଡ଼ିଶାବାସୀଙ୍କ ଏକ ମୁଖ୍ୟପର୍ବ। ଉକ୍ତ ପର୍ବରେ ପରିବାର ସଦସ୍ୟ ଯେଉଁଠି ଥିଲେ ମଧ୍ୟ ଘରେ ଏକାଠି ହୋଇ ନବାନ୍ନ ଭକ୍ଷଣ କରିବାର ପରମ୍ପରା ରହିଛି। ଫଳରେ ଦୂର ଦୂରାନ୍ତରରେ ଥିବା ପରିବାର ସଦସ୍ୟ ଘରକୁ ଆସିଥାନ୍ତି। ଏହି ଦୃଷ୍ଟିରୁ ନୂଆଁଖାଇ ଛୁଟିକୁ ଦିନେ ବଦଳରେ ୩ଦିନ କରିବାକୁ କୋସଲ ସେନା ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଆସୁଛି।

